ସକାଳ THE SAKALA



## ମନମୁଣ୍ଡା ଥାନାରେ ରୁଜୁହେଲା ପ୍ରଥମ ମାମଲା

**ମନମୁଣ୍ଡା, ୧୭(ସମିସ):** ସୋମବାର ଠାରୁ ସାରାଦେଶରେ କାର୍ଯ୍ୟକାରୀ ହୋଇଥିବା ନୂତନ ଅପରାଧିକ ଆଇନ ପରିପ୍ରେକ୍ଷୀରେ ମନମୁଣ୍ଡା ଥାନାରେ ନୂତନ ' ଭାରତୀୟ ନ୍ୟାୟ ସଂହିତା - ୨୦୨୩ ( ବିଏନ୍‌ଏସ ) ଧାରାର ପ୍ରଥମ ମାମଲା ରୁଜୁ କରାଯାଇଛି। ମନମୁଣ୍ଡା ଥାନା ମନୁପାଲି ପଞ୍ଚାୟତ ମହୁଲି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ନେଇ ଏହି ମାମଲା ରୁଜୁ କରାଯାଇଥିବା ଜାଣିବାକୁ ମିଳିଛି। ମହିଳାଙ୍କ ଶାଶୂଙ୍କ ସହଯୋଗରେ ତାଙ୍କ ସ୍ୱାମୀ ଭଲଭାବେ ଖାଇବା ପିଇବାକୁ ନ ଦେବା, ବିନାକାରଣରେ ମାଡ଼ ମାରିବା ଓ ଜୀବନରୁ ମାରି ଦେବାର ଧମକ ଦେବା ସହ ଉଦ୍ୟମ କରିବା ଅଭିଯୋଗ ହୋଇଛି। ତାଙ୍କ ଆଜକୁ ୪ ମାସ ହେବ ଘରୁ ତଡ଼ି ଦେଇଛନ୍ତି। ମହିଳା ଜଣକ ବୌଦ୍ଧରେ ରହି ଆସୁଥିବା ବେଳେ ସେ ସିଆର୍‌ପି ଥିବାରୁ ନିଜ ପଞ୍ଚାୟତକୁ ଡ୍ୟୁଟି ରେ ଆସିଥିବାବେଳେ ତାଙ୍କୁ ତାଙ୍କ ସ୍ୱାମୀ ମାଡ ମାରିବା ଓ ଡ୍ୟୁଟି କରାଇ ନ ଦେବା ଭଳି ଧମକ ଦେଇଥିବାରେ ମହିଳା ଭୟଭୀତ ହୋଇ ଯାଇଥିବା ଜାଣିବାକୁ ମିଳିଛି। କିଛି ମାସ ପୂର୍ବରୁ ତାଙ୍କ ସ୍ୱାମୀ ଗ୍ରାମଦାଣ୍ଡରେ ସର୍ବସାଧାରଣରେ ଉଲଗ୍ନ କରି ମାଡ ମାରି କ୍ଷତାକ୍ତ କରିଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଏସବୁକୁ ନେଇ ମହିଳା ଭୟଭୀତ ହୋଇ ଓ ତାଙ୍କ ଚଳିବା ରେ ବାଧା ସୃଷ୍ଟି ହେବାରୁ ସେ ଥାନା ରେ ଏକ ଏତଲା ଦାୟର କରିଥିଲେ। ଆଜି ନୂତନ ଅପରାଧିକ ଆଇନରେ ଏକ ମାମଲା ରୁଜୁ କରାଯାଇଛି। ଏହାର ତଦନ୍ତ ଚାଲିଥିବା ଆଇଆଇସି ରାମ କୁମାର ମୁର୍ମୁଙ୍କ ସୂଚନା ଦେଇଛନ୍ତି।

**ନୂତନ 'ଭାରତୀୟ ନ୍ୟାୟ ସଂହିତା' ଲାଗୁ**

### କାର୍ଯ୍ୟକାରୀ ହେଲା ନୂତନ ଅପରାଧିକ ଆଇନ

# ଗରିବଙ୍କୁ ମିଳିବ ତ୍ୱରିତ୍ ଆଇନ ସେବା

**ନୂଆପଡ଼ା/ଖଡ଼ିଆଳ, ୧୭ (ସମିସ)**




ଏଣିକି ଜୁଲାଇ ୧ତାରିଖିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେଲା ନୂତନ ଅପରାଧିକ ଆଇନ। ନାଗରିକମାନଙ୍କ ସ୍ୱାର୍ଥ ରକ୍ଷା ସହ ଦେଶରେ ଏକ ସୁସ୍ଥ ନ୍ୟାୟିକ ବ୍ୟବସ୍ଥା ସଂସ୍ଥାପନ କରିବାକୁ ଏହାକୁ କାର୍ଯ୍ୟାନ୍ୱୟନ କରାଯାଉଛି। ଏଥିପାଇଁ ପୁଲିସ ବିଭାଗ ସହ ସାଧାରଣ ଲୋକଙ୍କ ଭାଗିଦାରୀ ନିହାତି ଭାବେ ଆବଶ୍ୟକ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି.ଆର୍ ରାଘବେନ୍ଦ୍ର କହିଛନ୍ତି। ଏହାକୁ ନେଇ ସୋମବାର ସ୍ଥାନୀୟ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ କର୍ମଶାଳାରେ ଏସ୍‌ପି ରାଘବେନ୍ଦ୍ର ସମ୍ବୋଧନ କରିଥିବାବେଳେ ଖଡିଆଳ ଏନ୍‌ଏସିରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଉଦ୍‌ବୋଧନ ଦେଇଥିଲେ। ନୂଆପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଅତିରିକ୍ତ ଏସ୍‌ପି ଇନ୍ଦ୍ରମଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏସ୍‌ପି ରାଘବେନ୍ଦ୍ର ଇଣ୍ଡିଆନ ପେନାଲ କୋଡ୍(ଭାରତୀୟ ନ୍ୟାୟ ସଂହିତ, ୨୩), କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର(ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୩) ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ (ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୩) ଉପରେ ବୁଝାଇଥିଲେ। ବ୍ରିଟିଶ ଅମଳର ୧୬୦ବର୍ଷର ଆଇନକୁ ସରକାର ବିଲୋପ କରି ନୂତନ ଆଇନ କାର୍ଯ୍ୟକାରୀ କରୁଛନ୍ତି। ଏଣିକି ଜୁନ୍ ୩୦ତାରିଖ ରାତି ୧୨ଟା ପରେ ଘଟିଥିବା ଅପରାଧରେ ଲାଗିବ ନୂଆ ଦଫା। ଖଡ଼ିଆଳ ଏନ୍‌ଏସିରେ ଥାନାଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ବେହେରା, ଏନ୍‌ଏସି ଅଧକ୍ଷ ଉଜ୍ଜ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଏହିଭଳି ଜିଲ୍ଲାର ସମସ୍ତ ଥାନା କୋମନା, ଖରିଆରରୋଡ଼ ସମେତ ସମସ୍ତ ଥାନା ଅନଚଳରେ ଏକକାଳୀନ କର୍ମଶାଳା ସବୁ ଆୟୋଜିତ ହୋଇଥିଲା।

## ଭାରତୀୟ ନ୍ୟାୟ ସଂହିତା ଆଇନ ସମ୍ପର୍କରେ ସୂଚନାଦେଲେ ଏସ୍‌ପି

**ବଲାଙ୍ଗିର, ୧୭(ସମିସ):** ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି ବଲାଙ୍ଗିର ଏସ୍‌ପି ଋଷିକେଶ ଖିଲାରୀ। ଆଜି ପୂର୍ବାହ୍ନ ୧୦ ଟା ସମୟରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏ




ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପୁଲିସ ଓ ଜିଲ୍ଲାପ୍ରଶାସନ ଅଧିକାରୀଙ୍କ ସମେତ ଓକିଲ, ଆଇନ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ, ବଲାଙ୍ଗିର ସହରର ବୁଦ୍ଧିଜୀବୀ, ସାଧାରଣ ନାଗରିକ ଓ ଯୁବକମାନେ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମନମୁଣ୍ଡା, ୧୭(ସମିସ):** ବୌଦ୍ଧ ବ୍ଲକ ରକ୍ସାଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁଚରଣ ସାହୁଙ୍କୁ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉକ୍ତ ବିଦ୍ୟାଳୟରେ ତବଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚମ୍ପେଶ୍ୱର୍ ବେଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନାସଭାରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ବିଇଓ ଉପେନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଏବିଇଓ ସ୍ୱରାଜ କହଁର, ସମ୍ମାନିତ ଅତିଥିଭାବେ ସିଆରସିସି ଗଜେନ୍ଦ୍ର ମହାଲିକ, ବରିଷ୍ଠ କିରାଣି ଦିଲ୍ଲୀପ ମେହେର, ପ୍ରିତିରଞ୍ଜନ ମହାଲିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ତାଳପଦର କ୍ଲଷ୍ଟରର ୧୨ ଟି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇ ଥିଲେ। ଝଗଡୁଗାଡିଆ ସ୍କୁଲର ଶିକ୍ଷକ ସୁମନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିପରିଚୟ ଶିକ୍ଷକ ଡମ୍ବରୁ ମେହେର କରିଥିଲାବେଳେ ଶିକ୍ଷକ ଜୟରାମ ମେହେର, ରଞ୍ଜିତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆବାସ ପ୍ରଦାନରେ ତଞ୍ଚକତା ଅଭିଯୋଗ

**ବଲାଙ୍ଗିର, ୧୭(ସମିସ):** ଆବାସ ତାଲିକାରେ ନାମ ଥାଇ ମଧ୍ୟ ମିଳିଲାନି ଘର। ଯୋଗ୍ୟ ହିତାଧିକାରୀ



ସରକାରୀ ଯୋଜନାରୁ ବଞ୍ଚିତ। ଏଭଳି ଏକ ଅଭିଯୋଗ ନେଇ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ସାଲେପାଲି ପଞ୍ଚାୟତର ସମ୍ଭୁପ୍ରସାଦ ବିଶି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କର କହିବା ଅନୁସାରେ ତାଙ୍କ ମା' ସୁଶୀଳା ବିଶିଙ୍କ ନାମରେ ଆବାସଘର ଆସିଥିଲେ ସୁଦ୍ଧା ତାଙ୍କୁ ଘର ପ୍ରଦାନ କରାଯାଇ ନାହିଁ। ସେହିଭଳି ଗ୍ରାମର ଅନ୍ୟମାନଙ୍କ ଘର ତାଙ୍କ ମଧ୍ୟ ବାଟମାରଣା କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ଏଥିପାଇଁ ସେ ପଞ୍ଚାୟତର ଜିଆରଏସ ସମ୍ପୂର୍ଣ୍ଣ ଭାବରେ ଦାୟୀ ବୋଲି କହିବା ସହିତ ପ୍ରଶାସନିକସ୍ତରରେ ଏହାର ତଦନ୍ତ କରିବାକୁ ଦାବି କରିଥିଲେ।

## ଖଡ଼ିଆଳ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

**ନୂଆପଡ଼ା, ୧୭(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନବିଭାଗ ପକ୍ଷରୁ ୭୫ ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏହି ଉପଲକ୍ଷେ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଚାରାବିତରଣ କେନ୍ଦ୍ର ସ୍ଥାପନ କରି ପ୍ରଧାନମନ୍ତ୍ରୀଙ୍କ ଦେଇଥିବା ନାରା 'ଦେଶର ମାଁଙ୍କ ପାଇଁ ଏକ ଚାରା ରୋପଣ କରିବା ଆହ୍ୱାନ'କୁ ପାଳନ କରିଛନ୍ତି। ଏହି ସପ୍ତାହ ପାଳନ ଉପଲକ୍ଷେ ବନ ବିଭାଗ ପକ୍ଷରୁ ଜଣେ ନାଗରିକଙ୍କୁ ୧ ଟଙ୍କା ମୂଲ୍ୟରେ ଗୋଟିଏ ଚାରା ପ୍ରଦାନ କରାଯାଉଛି। ଗୋଟିଏ ଆଧାର କାର୍ଡରେ ୧୦ଟି ଚାରା ପ୍ରଦାନ କରି ରୋପଣ କରିବାକୁ ଆହ୍ୱାନ କରିଛନ୍ତି। ଜୁଲାଇ ମାସ ୧ ତାରିଖ ରୁ ୭ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ପାଇଁ ଏହି ଚାରା ବିତରଣ କେନ୍ଦ୍ରରେ ଚାରା ପ୍ରଦାନ କରାଯିବା ନିଷ୍ପତ୍ତି ହୋଇଛି। ଖଡ଼ିଆଳ ରେଞ୍ଜ ପରିସର ମଧ୍ୟରେ ଚଳିତ ବର୍ଷ ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାରାରୋପଣ କରିବା ଲକ୍ଷ୍ୟ ରହିଥିବା ରେଞ୍ଜର ସଂସ୍କୃତି ବଡ଼ ନାଏକ ସୂଚନା ଦେଇଛନ୍ତି। ଫରେଷ୍ଟର ନରେଶ ଦଣ୍ଡସେନାଙ୍କ ସମେତ ବହୁ ବନକର୍ମଚାରୀ ଯୋଗ ଦେଇଥିଲେ।




## ନାବାଳିକା ଦୁଷ୍କର୍ମ ମାମଲା

### ଅଭିଯୁକ୍ତକୁ ପୋକ୍ସୋ କୋର୍ଟ ଚାଲାଣ

**ଭବାନୀପାଟଣା, ୧୭(ସମିସ):** ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରି ପକ୍ସୋ କୋର୍ଟକୁ ଗଲାଣ କରିଛି। ଗତ କିଛି ଦିନ ତଳେ କଲମପୁର ଥାନା ଅଧୀନସ୍ଥ ଜନୈକ ନାବାଳିକାକୁ ଜନୈକ ବ୍ୟକ୍ତି ଦୁଷ୍କର୍ମ କରିଥିଲେ। ଏନେଇ କଲମପୁର ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ନାବାଳିକା ପ୍ରତି ଦୁଷ୍କର୍ମ ଜନିତ ମାମଲା ରୁଜୁ କରି ନାବାଳିକାର ଡାକ୍ତରୀ ପରୀକ୍ଷା ସହ ତାର ବୟାନ ରେକର୍ଡ କରାଯାଇଥିଲା। ଏହାପରେ ନାବାଳିକାର ସୁରକ୍ଷା ଦୃଷ୍ଟିରୁ ଭବାନୀପାଟଣା ସ୍ୱାଧାର ଗୃହରେ ରଖାଯାଇଥିଲା। କିନ୍ତୁ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ଯୁଧେଷ୍ଠିର ମାଝୀ ଫେରାର ହେଇଯାଇଥିଲା। ଗତ ରବିବାର ସନ୍ଧ୍ୟାରେ ଅଭିଯୁକ୍ତ ଯୁଧେଷ୍ଠି ଦୁଲକିବନ୍ଧ ଛକ ନିକଟରେ ଥିବା ବେଳେ ବଡକୁଟୁ ପୁଲିସ ଫାଣ୍ଡି ଅଧିକାରୀ ଶିବଶଙ୍କର ମହାନ୍ତି ଅଭିଯୁକ୍ତକୁ ଦେଖିବା ସହ ଧରିବାରେ ସଫଳ ହୋଇଥିଲେ। ସୋମବାର ସକାଳେ ଅଭିଯୁକ୍ତର ସମସ୍ତ ଡାକ୍ତରୀ ପରୀକ୍ଷା କରାଯିବା ପରେ ଅପରାହ୍ନରେ ଭବନୀପାଟଣା ପକ୍ସୋ କୋର୍ଟକୁ ଗଲାଣ କରାଯାଇଛି। ଏହି ମାମଲାର ତଦନ୍ତ ଅଧିକାରୀ ଭାବେ ବଡକୁଟୁ ପୁଲିସ ଫାଣ୍ଡି ଅଧିକାରୀ ଶ୍ରୀ ମହାନ୍ତି ନିୟୋଜିତ ହୋଇ ଘଟଣାର ତଦନ୍ତ କରୁଛନ୍ତି।

## ରଣପୁର ଗୁଳିକାଣ୍ଡ ଘଟଣା

### ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଜେଲ ଗଲେ

**ଥୁଆମୂଳ ରାମପୁର, ୧୭(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାପାଟ ଥାନା ରଣପୁର ଗୁଳିକାଣ୍ଡରେ ଅଭିଯୁକ୍ତ ବନ ମାଝୀକୁ କୋର୍ଟ ଚାଲାଣ କରିଛି କର୍ଲାପାଟ ପୁଲିସ। ଶୁକ୍ରବାର



ବନ ନିଶାଶକ୍ତ ଅବସ୍ଥାରେ ଗୁଳି ଚଳାଇବାରୁ ସ୍ତ୍ରୀର ମୃତ୍ୟୁ ହୋଇଥିବା ବେଳେ ନାବାଳିକା ଝିଅ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛି। କର୍ଲାପାଟ ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକ ଜବତ କରି ହତ୍ୟା ଅଭିଯୋଗରେ ବନକୁ ସୋମବାର ଥୁଆମୂଳ ରାମପୁର ଜେଏମ୍‌ଏଫସି କୋର୍ଟକୁ ଚାଲାଣ କରିଛି।

## ବଲାଙ୍ଗିର ବନ ବିଭାଗ ତରଫରୁ ବନ ମହୋତ୍ସବ ସପ୍ତାହ

**ବଲାଙ୍ଗିର, ୧୭(ସମିସ):** ବଲାଙ୍ଗିର ସଦେଇପାଲିସ୍ଥିତ ଲୋୟର ସୁକତେଲ ବିସ୍ଥାପିତ କଲୋନୀଠାରେ ବଲାଙ୍ଗିର ବନବିଭାଗ ତରଫରୁ ବନମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ବିସ୍ଥାପିତ କଲୋନୀ ଠାରେ ଚାରାରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ପୌରାଧକ୍ଷା ଲିକା ସାହୁ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ଜିତେନ୍ଦ୍ର ସାହୁ, ବଲାଙ୍ଗିର ସଦର ରେଞ୍ଜର ନବୀନ ପଣ୍ଡା, ବିସ୍ଥାପିତ କଲୋନୀ ବାସିନ୍ଦା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଲୋଇସିଂହାରେ ବନ ମହୋତ୍ସବ ସପ୍ତାହ

**ଲୋଇସିଂହା, ୧୭(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧୀନସ୍ଥ ପାଣ୍ଡରୀଡୁଙ୍ଗୁଠରୀ ବନୀକରଣ ପ୍ରକଳ୍ପଠାରେ ଲୋଇସିଂହା ବନବିଭାଗ ପକ୍ଷରୁ ବନମହୋତ୍ସବ ସପ୍ତାହ ଆରମ୍ଭ ହୋଇଛି। ଫରେଷ୍ଟର ବାବୁଲା ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବନୀକରଣ କାର୍ଯ୍ୟକ୍ରମରେ ଲୋଇସିଂହା ରେଞ୍ଜର ପାଉଲ ହରପାଲ, ସରପଞ୍ଚ ରବିଚନ୍ଦ୍ର ବସ୍ତିଆ, ସମିତିସଭ୍ୟ ନିର୍ମଳ ଭୋଇ, ଡୁମେରପାଲି ଗାଁର ଦ୍ରୋଣ ନାଏକ, ସନ୍ତୋଷ ମିର୍ଦ୍ଧା, ପୁରନ୍ଦର ମହାକୁରଙ୍କ ସମେତ ଅଞ୍ଚଳର ଦଶଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏଥିରେ ସାମିଲ ହୋଇଥିଲେ।



## ନୂଆପଡ଼ା ଜିଲ୍ଲା ଏକ୍ସକ୍ୟାଡର ସଂଘର ପୁନର୍ଗଠନ

**ନୂଆପଡ଼ା, ୧୭(ସମିସ):** ନୂଆପଡ଼ା ଜିଲ୍ଲା ଏକ୍ସକ୍ୟାଡର ସଂଘର କାର୍ଯ୍ୟକାରିଣୀ ବୈଠକ ବରିଷ୍ଠ ଶିକ୍ଷକ ଡମବୁଢ଼ା ଗୁଆଲଙ୍କ ସଭାପତିତ୍ୱରେ ନୂଆପଡ଼ାର ଦଣ୍ଡସେନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସର୍ବସମ୍ମତିକ୍ରମେ ଜିଲ୍ଲା ସଙ୍ଘର କର୍ମକର୍ତ୍ତାମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବରେ ଅଲେଖ ସାହୁ, ସାଧରଣସମ୍ପାଦକ ଭାବେ ଭୋଜରାମ ଅହିର, କାର୍ଯ୍ୟକରୀ ସଭାପତି ଓମପ୍ରକାଶ ଦଣ୍ଡସେନା, ଉପସଭାପତି ବେଣୁଧର ନାୟକ, ଗୌରାଙ୍ଗ ସାହୁ, କୋଷାଧକ୍ଷ ଡମବୁଢା ଗୁଆଳ, ସହସମ୍ପାଦକ ଅଚ୍ଯୁତ ମେହେର, ଗେହ୍ରକ୍ଷମ ନାୟକ, ସଂଗଠନ ସମ୍ପାଦକ ସନୁଧର ନାଗ, ଜେକେଲାଲ ମାଝୀ, ଲାଲକୃଷ୍ଣ ରାଉତ, ନିରୋଜ ଖମାରୀ, ମିତ୍ରବାଦୀ ମଲ୍ଲିକ, ନନ୍ଦକିଶୋର ମାଝୀ ଓ ପରାମର୍ଶ କମିଟରେ ଅରୁଣ ଯୋଶୀ, ଜୟନ୍ତ ପ୍ରଧାନୀ, ବୃଷକେତନ ଅଗସ୍ତି, ସୁନୀଲ ପଣ୍ଡା, ମନୋଜ ଦଣ୍ଡସେନା ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି

**ତୁଷୁରା, ୧୭ (ସମିସ):** ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକରେ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣି ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମୋଟ ୧୨୯ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସାଧାରଣ ଅଭିଯୋଗ ୬୪ ଟି ଥିଲା। ସେଥିମଧ୍ୟରୁ ୧୮ ଟି ଗ୍ରୁପର ଏବଂ ୪୬ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଅନ୍ୟ ୬୫ ଟି କେବଳ ଆବାସ ଗୃହ ପାଇଁ ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ସୌମ୍ୟକାନ୍ତା ବାଙ୍ଗୋଳା, ଗୁଡଭେଲା ବ୍ଲକ ଅଧକ୍ଷା ବେବି ଦୋରା, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗରୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିପିଓ ସାଗର ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁମନ୍ତ ନାଏକ, ରାଜକିଶୋର ସାହୁ, ଶାୱନ କେଡ଼ିଆ, ଖଗୋପତି କୁମ୍ଭାର, ସୁଶାନ୍ତ ମେହେର ଜ୍ୟୋତିର୍ମୟୀ ସାହୁ, ଅକ୍ଷୟ ମାଝୀଙ୍କ ସମେତ ଜିଆରଏସ ସୁବ୍ରତ ମେହେର, ମୁକେଶ ରାଜହଂସ, ମନୋଜ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଖପ୍ରାଖୋଲ, ୧୭(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ସାଧନ କେନ୍ଦ୍ର ଅନ୍ତର୍ଗତ ପତ୍ରାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚୂଡ଼ାମଣି ଧରୁଆଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।




ସୁନୀଲ କୁମାର ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ରୁଦ୍ରଦେବ ଷଡ଼ଙ୍ଗୀ ବିଆରସିସି ତଥା ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଖପ୍ରାଖୋଲ, ସମ୍ମାନିତ ଅତିଥି ଭାବରେ ମିନିକେତନ ବରିହା ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଖପ୍ରାଖୋଲ, ନାରାୟଣ କିଷାନ ସଭାପତି ପୁରୁଣା ପେନସନ ଶିକ୍ଷକ ସଂଘ, ସୁଶୀଳ କୁମାର ପୋଢ଼ ସଭାପତି ଏନପିଏସ ଶିକ୍ଷକ ସଂଘ, ମୋତିଲାଲ ତାଣ୍ଡି ସଭାପତି ବ୍ଲକ ଏକ୍ସକ୍ୟାଡର ସଂଘ, ପ୍ରଦୀପ କୁମ୍ଭାର ସଭାପତି ଜେଟିଏସ, ମାଧବ ଚନ୍ଦ୍ର ସାହୁ ବରିଷ୍ଠ କିରାଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଖପ୍ରାଖୋଲ ପ୍ରମୁଖ ଯୋଗଦେଇ ଶିକ୍ଷକ ଚୂଡ଼ାମଣି ଧରୁଆଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦାୟ ଶିକ୍ଷକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ସଭାକୁ ମୁକେଶ ସୁନା ସଂଯୋଜନା କରିଥିବା ବେଳେ ପଞ୍ଚୁଦେବ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାସଦେବ ବିଶ୍ୱାଳ, ଶେଷଦେବ ଦାଶ, ଦିବାକର ବାରିକ, ଦୟାସାଗର ମାଝୀ, କୁଳମଣି ଧରୁଆ, ଶତ୍ରୁଘନ ଧରୁଆ, ଧରମ ସିଂହ ଧରୁଆ ଓ ଯୁଗଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ଧମାଳରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

**କନ୍ଧମାଳ, ୧୭(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କନ୍ଧମାଳଠାରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା କନ୍ଧମାଳ ସଙ୍କୁଳ ପ୍ରମୁଖ ସନ୍ତୋଷ କୁମାର ବିଶିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ସଂଘ ଚାଳକ ଇନ୍ଦୁଭୂଷନ ମହାକୁଡ଼ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ସଙ୍କୁଳ ସଂଯୋଜକ ଭଗବାନ ମନହିରା, ସମ୍ପାଦକ ଶେଷଦେବ ବଗର୍ତ୍ତି, କନ୍ଧମାଳ ଖଣ୍ଡ ସଂଘ ଚାଳକ ଘନଶ୍ୟାମ ବାଘ, କନ୍ଧମାଳ ଖଣ୍ଡ କାର୍ଯ୍ୟବାହାକ ଶଶି ବଗର୍ତ୍ତି ଉପସ୍ଥିତଥିଲେ। ଉଦ୍‌ଯାପନୀ ସମାରୋହରେ ଶଂକୁଳ ପ୍ରମୁଖ ସନ୍ତୋଷ କୁମାର ବିଶି ଅଧକ୍ଷତା କରିଥିବାବେଳେ ଓଡ଼ିଶା ପଶ୍ଚିମପ୍ରାନ୍ତ ବଲାଙ୍ଗିର ବିଭାଗ ବୌଦ୍ଧିକ ପ୍ରମୁଖ ଦେବବ୍ରତ ପାଣିଗ୍ରାହୀ ମୁଖ୍ୟବକ୍ତାଭାବେ ମଞ୍ଚାସିନ ଥିଲେ। ମନୋଜ କୁମାର ରାଜହଂସ, କୋଷାଧକ୍ଷ ରଞ୍ଜିତ କୁମାର ସାହୁ, ସଙ୍କୁଳ ସଂଯୋଜକ ଭଗବାନ ମନହିରା ବିବରଣୀ ପାଠ କରିଥିଲେ। ସୁଶାନ୍ତ ସାହୁ ସଂଯୋଜନା କରିଥିଲେ। ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡ଼ମାଳି, ବିଜୟ କୁମାର ପ୍ରଧାନ, ହେମନ୍ତ ପଟେଲ, ବନମାଳୀ ନାୟକ ସହଯୋଗ କରିଥିଲେ।



## ଚାନ୍ଦ ମନ୍ଦିର ରଥ କମିଟିର ପ୍ରସ୍ତୁତି ବୈଠକ

**ବଲାଙ୍ଗିର, ୧୭(ସମିସ):** ଆଗାମୀ ରଥଯାତ୍ରା ପାଳନର ପ୍ରସ୍ତୁତି ପାଇଁ ବଲାଙ୍ଗିର ଟିକ୍ରାପଡ଼ା ସ୍ଥିତ ଚାନ୍ଦ ମନ୍ଦିର ରଥ କମିଟିର ଏକ ପ୍ରସ୍ତୁତି ବୈଠକ କମିଟିର ସଭାପତି ପ୍ରଦୀପ ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମହାପ୍ରଭୁଙ୍କ ନବ ଯୌବନ ଦର୍ଶନ, ରଥ ଉପରେ ସୁନାବେଶ, ଅଧରପଣା ନୀତି ଓ ନିଳାଦ୍ରୀ ବିଜୟ ସୁପରିଚାଳନା ଉପରେ ବିଶେଷ ଆଲୋଚନା ହୋଇଥିଲା।

ଚଳିତ ବର୍ଷ ରଥଯାତ୍ରାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ମାଉସୀ ଘର ରୂପେ ରାମ ଚରିତ ମାନସ ମନ୍ଦିର (ଡେର୍ଲିମାର୍କେଟ)ରେ ହେବା ପାଇଁ ସ୍ଥିରକୃତ ହୋଇଛି। ଏହି ଉପଲକ୍ଷେ ରାମ ଚରିତ ମାନସ ମନ୍ଦିରରେ ପ୍ରତ୍ୟେହ ଚାନ୍ଦ ମନ୍ଦିର ରଥ କମିଟି ତରଫରୁ ସର୍ବ ସାଧାରଣଙ୍କ ପାଇଁ ଆନନ୍ଦ ବଜାରରେ ଅନ୍ନଭୋଗ ବଣ୍ଟନ କରାଯିବା ସହିତ ସନ୍ଧ୍ୟାରେ ମହାପ୍ରଭୁଙ୍କ ଦଶ ଅବତାର ତଥା ବିଭିନ୍ନ ବେଶ ଦର୍ଶନ, ହେରା ପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀଙ୍କ ରଥ ଭାଙ୍ଗିବା, ଷଷ୍ଠୀରେ ରଥ ମୋଡ଼, ନବମୀରେ ପୋଡ଼ ପିଠା ଭୋଗ ଓ ଦଶମରେ ଖିଚିଡ଼ି ଭୋଗ, ପହଣ୍ଡି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାହୁଡ଼ାଯାତ୍ରା ଠିକ୍ ସମୟରେ ଅନୁଷ୍ଠିତ ହେବା ସହିତ ପବିତ୍ର ବଡ ଏକାଦଶୀରେ ଶ୍ରୀଜିଉମାନଙ୍କ ରଥ ଉପରେ ସୁନାବେଶ ଦର୍ଶନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଭଜନ ସମାରୋହ ଅନୁଷ୍ଠିତ ହେବା ପାଇଁ ସ୍ଥିରକୃତ ହୋଇଛି, ଦ୍ୱାଦଶୀରେ ମହାପ୍ରଭୁଙ୍କ ଅଧରପଣା ନୀତି, ତ୍ରୟୋଦଶୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିଳାଦ୍ରୀ ବିଜୟ ଓ ପରିଶେଷରେ ମହା ଆରତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ପଦ୍ମ ଲୋଚନ ଯୋଶୀ, ଅଶୋକ କୁମାର ଚାନ୍ଦ, ଅନିଲ କୁମାର ଠାକୁର, ସୁଧାନିଧି ହୋତା, ରାଜୀବ ମିଶ୍ର, ଧ୍ରୁବ ବେହେରା, ପ୍ରକାଶ ଚନ୍ଦ୍ର ନାୟକ, ଦ୍ୱିଜରାଜ ମିଶ୍ର, ନିମାଇଁ ଚରଣ ହାତୀ, ମହେନ୍ଦ୍ର ବାଗ, ଛାୟାକାନ୍ତ ସାହୁ, ସୁଧିର ଚାନ୍ଦ, ସତ୍ୟନାରାୟଣ ଶତପଥି, ସନ୍ତୋଷ କୁମାର ଅଗ୍ରୱାଲ, ଜୟକୃଷ୍ଣ ପଟେଲ, ରାଜିବ ବେହେରା ତଥା ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପରୋକ୍ତ ବିଷୟରେ ଆଲୋଚନା କରାଯାଇ ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଗଲା।

# ନୂଆ ସରକାରଙ୍କ ପ୍ରଥମ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର, ୧୭(ସମିସ)**

ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ନୂଆ ସରକାର ଗଠନ ପରେ ସୋମବାର ପୁଣି ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ପ୍ରଥମ ଅଭିଯୋଗ ଶୁଣାଣି ଶିବିରରେ ସୋନପୁରରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ୩୩ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିରୁ ୨୩ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଦରଖାସ୍ତ ରହିଥିବାବେଳେ ୨ଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଶିବିରରେ ପଞ୍ଜିକୃତ ଆବେଦନଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଭିନ୍ନକ୍ଷମ ଦମ୍ପତି ଦିଲୀପ ମହାନନ୍ଦ (ଭିନ୍ନକ୍ଷମ ) ଓ ଡଲି ଭଞ୍ଜ ଏବଂ ଅଚ୍ୟୁତ ମେହେର (ଭିନ୍ନକ୍ଷମ) ଓ ଉଷା ମେହେରଙ୍କୁ ବୈବାହିକ ପ୍ରୋତ୍ସାହନ ଅର୍ଥ ରାଶି ବାବଦରେ ଉଭୟ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଡୁଡ଼ା ବିଶ୍ୱନାଥ ବାରିକ, ସିଏସଓ ସୁରେଶ ପାଣିଗ୍ରାହୀ, ସୋନପୁର ଉପଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଦୁର୍ଗାପ୍ରସାଦ ଦାଶ, ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀର ସାମଲ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ. ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନଚରଣ ମାଝୀ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ନିର୍ବାହୀଯନ୍ତ୍ରୀ ତେଲ ଇରିଗେଶନ ଡିଭିଜନ ଇଂ ଜିତେନ୍ଦ୍ର ପାତ୍ରୀ, ନିର୍ବାହୀଯନ୍ତ୍ରୀ ଟିପିଓଡବ୍ଲୁଡିଏଲ ଅଶୋକ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଏଲଆଇ ଇଂ ପ୍ରଫୁଲ୍ଲ ବେହେରା, ସୋନପୁର ତହସିଲଦାର ଡ.ସୌମ୍ୟାରୁପା ରଥ, ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ କର୍ମଚାରୀ ଯୋଗଦାନ କରିଥିଠଲେ।



# ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

**ସୁନ୍ଦରଗଡ଼, ୧।୭(ସମିସ):** ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ଼-ବଲିଙ୍ଗା ରାସ୍ତାର ସଦର ଥାନା ଅନ୍ତର୍ଗତ ମହୁଲପାଲି ନିକଟରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କିରେଇ ଯାନ୍ତ୍ରିକ ବିଦ୍ୟାଳୟର ପିଅନ ବିନୟ କୁମାର ପଟେଲ। ବିନୟ ତାଙ୍କ ବାଇକ୍ ଯୋଗେ ସ୍କୁଲରୁ ଚକ୍ରାମାଲସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କାଦେଇ ଘୋଷାଡ଼ି ନେଇଥିଲା। ଘଟଣାସ୍ଥଳରେ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଖବର ପାଇ ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

# ଛାତ୍ରଙ୍କ ସ୍ୱର୍ଣ୍ଣ ପଦକ ହାସଲ



**ରାଉରକେଲା, ୧।୭(ସମିସ):** ସ୍ଥାନୀୟ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଶନାୟା ରାଉତ ଏସଓଏଫ ପକ୍ଷରୁ ଆୟୋଜିତ ଗଣିତ ଅଲିମ୍ପିଆଡ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷା ହେମଲତା ନାୟକ ଶନାୟାଙ୍କୁ ବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏତଦବ୍ୟତୀତ ଶନାୟା ସାଧାରଣ ଜ୍ଞାନରେ ପ୍ରଥମ ଏବଂ ଅନ୍ୟ ଦୁଇ ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଶନାୟା ହେଉଛନ୍ତି ପୁଲିସ ସବ ଇନ୍ସପେକ୍ଟର ମିତାଲି ମଧୁଛନ୍ଦା ସ୍ୱାଇଁ ଓ ଇଂ ଦୀପକ ରାଉତଙ୍କ ପୁଅ।

## ଆଇଜିଏଚ୍‌ରେ ଡାକ୍ତର ଦିବସ ପାଳିତ

# 'ରୋଗୀଙ୍କ ପ୍ରତି ଡାକ୍ତରଙ୍କ ଉତ୍ସର୍ଗୀକୃତତା, କରୁଣା ଓ ପ୍ରତିବଦ୍ଧତା ପ୍ରଶଂସନୀୟ'

**ରାଉରକେଲା, ୧।୭(ସମିସ)**



ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଇଣ୍ଡିଆନ ମେଡିକାଲ ଆସୋସିଏସନ ରାଉରକେଲା ଶାଖା ସହଭାଗିତାରେ ଜୁଲାଇ ୧ ତାରିଖ ଡାକ୍ତର ଦିବସ ପାଳିତ ହୋଇଛି। ଏଥିରେ ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଅତନୁ ଭୌମିକ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଲେ, ରୋଗୀଙ୍କ ପ୍ରତି ଡାକ୍ତରଙ୍କ ଉତ୍ସର୍ଗୀକୃତତା, କରୁଣା ଏବଂ ପ୍ରତିବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ। ଡାକ୍ତର ଦିବସ ହେଉଛି ଉତ୍ସାହ, ସ୍ଥିରତା ଏବଂ ସମାଜର ଉନ୍ନତି ପାଇଁ ଡାକ୍ତରଙ୍କ ଦ୍ୱାରା ଅଗଣିତ ବଳିଦାନର ଉତ୍ସବ। ହାସଲ ହୋଇଥିବା ଅଗ୍ରଗତି ଏବଂ ଆଗାମୀ ଆହ୍ୱାନଗୁଡ଼ିକ ଉପରେ ପ୍ରତିଫଳନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ଆଇଜିଏଚକୁ ଆସୁଥିବା ପ୍ରତ୍ୟେକ ରୋଗୀ ସର୍ବୋଚ୍ଚ ସ୍ତରର ଚିକିତ୍ସା ଲାଭ କରିବା ସୁନିଶ୍ଚିତ ହୋଇପାରିବ ବୋଲି କହିଥିଲେ।

ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମଓ ଡା. ଏନପି ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶେଷ କରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଦ୍ୱାରା ସୃଷ୍ଟି ହୋଇଥିବା କେତେକ ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ସମସ୍ତଙ୍କୁ ସଦ୍ୟତମ ଅତ୍ୟାଧୁନିକ ବିକାଶ ସହିତ ସଜ୍ଜିତ ହେବା ଏବଂ ଆଶା ପ୍ରଦାନକାରୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ଉତ୍ସବରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗ ସିଏମଓ ତଥା ଇଣ୍ଡିଆନ ମେଡିକାଲ ଆସୋସିଏସନ ରାଉରକେଲା ଶାଖା ସଭାପତି, ଡା. ପିକେ ମହାପାତ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗ ଅତିରିକ୍ତ ଭାର ସହିତ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ ଉପସ୍ଥିତ ଥିଲେ। ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ନେଫ୍ରୋଲୋଜି ବିଭାଗ ଡାକ୍ତର ଶୁଭ୍ରାଂଶୁ ଶେଖର ଜେନା ଏବଂ ନ୍ୟୁରୋ ସର୍ଜରୀ ବିଭାଗ ଡାକ୍ତର ଅମିତ କୁମାର ଚାନ୍ଦୁକା ଅତିଥି ବକ୍ତା ରୂପେ ଯୋଗଦେଇଥିଲେ। ଏଥିରେ ଆଇଜିଏଚର ବହୁ ସଂଖ୍ୟାରେ ଡାକ୍ତର, ଅବସରପ୍ରାପ୍ତ ଡାକ୍ତର, ସୁପର ସ୍ପେଶାଲିଟି ହସ୍ପିଟାଲର ଡାକ୍ତର, ଡିଏନବି ଡାକ୍ତର ଏବଂ ଆଇଏମଏ ସହ ଅନୁବନ୍ଧିତ ଇସ୍ପାତ ସହରର ବହୁ ଡାକ୍ତର ଯୋଗଦେଇଥିଲେ। ଡାକ୍ତର ବିସି ରାୟଙ୍କ ପଟ୍ଟଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଇଜିଏଚର ରାଜଲକ୍ଷ୍ମୀ ଆଚାର୍ଯ୍ୟ ଏବଂ ତାଙ୍କ ଟିମ୍ ଦ୍ୱାରା ଆବାହନୀ ସଙ୍ଗୀତ ପରିବେଷଣ ହୋଇଥିଲା।

କାର୍ଯ୍ୟକ୍ରମରେ ଡିଆଇସି ନ୍ୟୁରୋ ସର୍ଜନ ବରିଷ୍ଠ ଡାକ୍ତର ଆରଏନ ମହାପାତ୍ର, ଏବଂ ପାଥୋଲୋଜିଷ୍ଟ ଡାକ୍ତର ସଙ୍ଘମିତ୍ରା ଶତପଥୀ, ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ପୀତବାସ ମିଶ୍ର ଏବଂ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଡିଆର ମିଶ୍ରଙ୍କୁ ସେମାନଙ୍କ ପ୍ରଶଂସନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଡା. ପିକେ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଚଳିତ ବର୍ଷ ଏହି ଦିବସ ପାଳନର ସନ୍ଦର୍ଭ 'ଆରୋଗ୍ୟ ପ୍ରଦାନକାରୀ ହାତ ଓ ଯତ୍ନକାରୀ ହୃଦୟ' ଉପରେ ଆଲୋକପାତ କରାଯାଇଥିଲା। ବରିଷ୍ଠ ପରାମର୍ଶଦାତା ତଥା ଆଇଏମ୍‌ଏ ରାଉରକେଲା ଶାଖା ସଚିବ ଡା. ଜେଆର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଇଜିଏଚର ଉପ ସିଏମଓ ଡା. ଲିଜା ଦେଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୧୪ରେ ଗାନ୍ଧି ମହାବିଦ୍ୟାଳୟ ଆଲୁମ୍‌ନି ପ୍ରସ୍ତୁତି ବୈଠକ

**ରାଉରକେଲା, ୧।୭(ସମିସ):** ଶିକ୍ଷାନୁଷ୍ଠାନରେ ବୈପ୍ଳବିକ ଉନ୍ନତି ଆଣିବା କ୍ଷେତ୍ରରେ ପୁରାତନ ଛାତ୍ର ସଂଗଠନଗୁଡ଼ିକର ଭୂମିକା ଗୁରୁତ୍ୱକୁ ହୃଦବୋଧ କରି ରାଜ୍ୟ ସରକାର ଏବେ ପୁରାତନ ଛାତ୍ର ସଂଗଠନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଉରକେଲା ଦେଓଗାଁସ୍ଥିତ ଗାନ୍ଧି ମହବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଗଠନ ନିମନ୍ତେ ଆସନ୍ତା ୧୪ ତାରିଖ ମହାବିଦ୍ୟାଳୟ ପରିସରରେ ଏକ ବୈଠକ ଆହୂତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇ ଆଲୋଚନା କରିଥିଲେ। ମହବିଦ୍ୟାଳୟର ଶୈକ୍ଷିକ ବିକାଶ ଦିଗରେ ପୁରାତନ ଛାତ୍ରମାନଙ୍କ ଅବଦାନ ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି ବୈଠକରେ ଅଧ୍ୟକ୍ଷା ଡ. ପଟ୍ଟନାୟକ ମତ ରଖିଥିଲେ। ଏଥିପାଇଁ ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପୁରାତନ ଛାତ୍ର ସଂସଦ ଗଠନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଯଥାସମ୍ଭବ ପୁରାତନ ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୧ଟାରେ ମହାବିଦ୍ୟାଳୟ ପରିସରରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏକ ପୂର୍ଣ୍ଣାଙ୍ଗ ସଂଗଠନ ପ୍ରସ୍ତୁତ କରିବା ପାଇଁ ଅଧ୍ୟକ୍ଷା ଅନୁରୋଧ କରିଛନ୍ତି। ଡ. ନମିତା ରଥ ବୈଠକ ପରିଚାଳନା କରିଥିବା ବେଳେ ବରିଷ୍ଠ ପ୍ରଧ୍ୟାପକ ଡ. ଅଶୋକ କୁମାର ବେଉରା, ସୁରେଶ ଚନ୍ଦ୍ର ମହାପାତ୍ର ତଥା ଅଧ୍ୟାପକ ଅଭିଜିତ୍ ପଣ୍ଡା, ଭାବଗ୍ରାହୀ ପଣ୍ଡା, କୈଳାସ ଛୋଟରାୟ ଓ ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଜ ମତ ପ୍ରଦାନ କରିଥିଲେ।

## ● ୪ ଅଞ୍ଚଳକୁ ପଞ୍ଚାୟତରେ ଅନ୍ତର୍ଭୁକ୍ତ କରିବା ପ୍ରସଙ୍ଗ

# ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ବିଧାୟକଙ୍କ ଚିଠି



**ରାଉଲକେଲା, ୧।୭(ସମିସ):** ରାଉରକେଲା ସହରରେ ତ୍ରିଶଙ୍କୁ ଅବସ୍ଥାରେ ଥିବା ରଘୁନାଥପଲ୍ଲୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ହମିରପୁର, ତୁମକେଲା, ଲୁହାକେରା ଓ ଟାଙ୍ଗରାପାଲ୍ଲୀର ବଞ୍ଚିତ ଅଞ୍ଚଳକୁ ପଞ୍ଚାୟତରେ ଅନ୍ତର୍ଭୁକ୍ତ କରିବାକୁ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ସୋମବାର ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅଞ୍ଚଳଗୁଡ଼ିକ ନା ପୌରପାଳିକା ନା ପଞ୍ଚାୟତରେ ଅଛି। ତେଣୁ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଏହି ଅଞ୍ଚଳବାସୀଙ୍କ ପାଇଁ ବିକାଶ ସାତସପନ ପାଲଟିଛି। ପରିତାପର ବିଷୟ ଯେ ଏ ଦିଗରେ ନିର୍ବାଚିତ ପ୍ରତିନିଧି କିମ୍ବା ରାଜ୍ୟ ସରକାରଙ୍କ ଅଧିକାରୀମାନେ ଦୃଷ୍ଟି ଦେଉନାହାନ୍ତି।

ଗତ ବର୍ଷ ହମିରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ଜନଶୁଣାଣିରେ ପାନପୋଷ ଉପଜିଲ୍ଲାପାଳ, ତହସିଲଦାର ଓ ଅନ୍ୟ ଅଧିକାରୀଙ୍କ ସହ ପୂର୍ବତନ ବିଧାୟକଙ୍କ ଉପସ୍ଥିତିରେ ସହସ୍ରାଧିକ ଗ୍ରାମବାସୀ ସର୍ବସମ୍ମତି କ୍ରମେ ହମିରପୁରକୁ ସ୍ୱତନ୍ତ୍ର ପଞ୍ଚାୟତ କରିବା ପାଇଁ ଦାବି କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ଅଞ୍ଚଳବାସୀ ନିଜ ଭାଗ୍ୟକୁ ଆଦରି ବଞ୍ଚିଛନ୍ତି। ସେମାନେ ରାଉଲକେଲା ଇସ୍ପାତ କାରଖାନାର ପାରିପାର୍ଶ୍ୱିକ ଅଞ୍ଚଳରେ ବାସ କରୁଥିବା ବେଳେ ସେମାନଙ୍କର କୌଣସି ଆଖିଦୃଶିଆ ଉନ୍ନତି ହୋଇନାହିଁ। ଅଞ୍ଚଳବାସୀ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତାଘାଟ, ଡ୍ରେନ, ଷ୍ଟ୍ରିଟ ଲାଇଟ ଆଦି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଦାବି ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା।

ତେବେ ନବନିର୍ବାଚିତ ବିଧାୟକ ତନ୍ତୀ ଜନତାଙ୍କ ଏହି ସମସ୍ୟାକୁ ହୃଦୟଙ୍ଗମ କରି ଜନତାଙ୍କ ସ୍ୱରକୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପାଖରେ ଉପସ୍ଥାପନ କରିବା ସହ ଶୀଘ୍ର ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ଏହା ଉପରେ ଯଥାଶୀଘ୍ର ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିବା ବିଧାୟକ ତନ୍ତୀ ପ୍ରକାଶ କରିଛନ୍ତି।

# ନୂତନ ଅପରାଧିକ ଆଇନ ସଚେତନତା



**ହେମଗିରି, ୧।୭(ସମିସ):** କେନ୍ଦ୍ର ସରକାରଙ୍କ ନୂତନ ଅପରାଧିକ ଆଇନ ସମ୍ବନ୍ଧରେ ସଚେତନ କରିଛନ୍ତି ହେମଗିରି ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ। ହେମଗିରି ବ୍ଲକର ରାଜନୈତିକ ଦଳ ନେତୃବୃନ୍ଦ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟସଭ୍ୟା ତଥା ଜନସାଧାରଣଙ୍କୁ ନେଇ ଏକ ବୈଠକରେ ନୂତନ ଆଇନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସାଙ୍ଗକୁ ଅବଗତ କରାଇଥିଲେ। ଇଂରେଜ ଅମଳର ତଥା ତାଙ୍କୁ ସୁହାଇଲା ଭଳି ପୂର୍ବ ଆଇନକୁ ପରିବର୍ତ୍ତନ କରିଦିଆଯାଇଛି। ସେହି ପରିବର୍ତ୍ତିତ ଆଇନ ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଥିବା ସେ ସୂଚନା ଦେଇଥିଲେ।

# ୨ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ରାଉରକେଲା, ୧।୭(ସମିସ):** ସ୍ଥାନୀୟ ଡେଲି ମାର୍କେଟସ୍ଥିତ ଟାଉନ ନୋଡାଲ ହାଇସ୍କୁଲରେ କାର୍ଯ୍ୟରତା ଦୁଇ ସହକାରୀ ଶିକ୍ଷୟିତ୍ରୀ ନମିତା ମହାନ୍ତି ଏବଂ ଅଞ୍ଜଳି ପଣ୍ଡା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଅମିତା କୁମାରୀ ଗଡ୍‌ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦାୟୀ ଶିକ୍ଷୟିତ୍ରୀ ମହାନ୍ତି ଏବଂ ପଣ୍ଡାଙ୍କୁ ଉପଢୌକନ, ସ୍ମାରକୀ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ବିଶ୍ରା ଓ କୁଆଁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ଯୋଗଦେଇ କହିଲେ, ଚାକିରି କରିବା ଏବଂ ଚାକିରିରୁ ଅବସର ଗ୍ରହଣ କରିବା ହେଉଛି ବିଧି ବ୍ୟବସ୍ଥାର ଏକ ଅଂଶ ଏବଂ ଏହା ନିଷ୍ଠୁର ସତ୍ୟ। ତେବେ ଚାକିରି କାଳରେ ଜଣେ ବ୍ୟକ୍ତିର ଭୂମିକା, ଦାୟିତ୍ୱ, କର୍ତ୍ତବ୍ୟ ଓ ସମାଜ ପ୍ରତି ପ୍ରତିବଦ୍ଧତା ହିଁ ତାକୁ ସ୍ମରଣୀୟ କରି ରଖିଥାଏ ବୋଲି ବିଇଓ ପ୍ରଧାନ କହିଥିଲେ।

ଏବିଇଓ ସତ୍ୟଭାମା ବେହେରା, କୃପାସିନ୍ଧୁ ପତି, ଆଭା ଅନ୍ୱେଷା ସଭାପତି ଆର୍ତ୍ତତ୍ରାଣ ଜେନା ପ୍ରମୁଖ ବକ୍ତବ୍ୟ ରଖି ଉଭୟ ଶିକ୍ଷୟିତ୍ରୀଙ୍କ ଅଧ୍ୟାପନା ପ୍ରତି ପ୍ରତିବଦ୍ଧତା, ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ତଥା ତାଙ୍କ ସହ କଟିଥିବା ବିଭିନ୍ନ ସ୍ମୃତି ବିଜଡ଼ିତ ମୁହୂର୍ତ୍ତଗୁଡ଼ିକ ବିଷୟରେ ମତ ରଖିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ବିଦାୟୀ ଶିକ୍ଷୟିତ୍ରୀ ମହାନ୍ତି ଓ ପଣ୍ଡା ଦୀର୍ଘ ବର୍ଷର ଚାକିରି କାଳରେ ବିଦ୍ୟାଳୟରେ ସାଉଁଟିଥିବା ସ୍ମୃତି ବଖାଣିବା ସହ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଏସଏମସି ଅଧ୍ୟକ୍ଷ ସରୋଜ ଜେନା, ଉଦିତନଗର ସିଆରସିସି ଦୀପ୍ତିମୟୀ ପରିଡ଼ା, ଆରଇସି ସିଆରସିସି ସିପ୍ରା ସାହୁ ପ୍ରମୁଖ ବକ୍ତବ୍ୟ ରଖି ଉଭୟ ବିଦାୟୀ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ଜୀବନ ମଙ୍ଗଳମୟ ହେଉ ବୋଲି ପ୍ରାର୍ଥନା କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ଗାନ କରାଯାଇଥିଲା। ପ୍ରମୋଦ କୁମାର ବାଡ଼ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ପୁଷ୍ପାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଲାରୀ ପଟେଲ, ସୁଭାଷିନୀ ବାଇଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

# 'କବି ସର୍ବଦା ଶବ୍ଦର ଶରଣାଗତ'



**ରାଉରକେଲା, ୧।୭(ସମିସ):** କବି ସର୍ବଦା ଶବ୍ଦର ଶରଣାଗତ, ଯେଉଁ ଶବ୍ଦକୁ ନେଇ ସେ କବିତାର ଚିତ୍ରକଳ୍ପ ନିର୍ମାଣ କରେ ଓ ଯାହାର ଅନୁଭବ ହିଁ କବିତାକୁ ଜୀବନମୟ କରେ। ଅନ୍ୟଥା କବିତା ନିଷ୍ପ୍ରାଣ ବୋଲି ଧାମରା ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ଗ୍ରୀଷ୍ମ କବିତା ଆସରରେ ବିଶିଷ୍ଟ କବିମାନେ ମତ ପ୍ରକାଶ କରିଛନ୍ତି। ଧାମରା ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିତାର କଥା ଶୀର୍ଷକରେ ସହରର ସୁପରିଚିତ କବି ଡ. ଅଶ୍ୱିନୀ ରାୟ, ଡ. କୃପାସିନ୍ଧୁ ନାୟକ, ଡ. ଗୀତାଞ୍ଜଳି ପତ୍ରୀ, ତ୍ରିନାଥ ସିଂହ, ମୀନକେତନ ପଶାୟତ, କାଶୀନାଥ ନନ୍ଦୀ, ଅଙ୍ଗୁରବାଳା ପରିଡ଼ା, ମହାଶ୍ୱେତା ସାହୁ, ଶର୍ମିଷ୍ଠା କବି ଶତପଥୀ ଏବଂ ବିଜୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ୧୦ ଜଣ କବି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କବି ସୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ସହ ସମ୍ପାଦକ ଅକ୍ଷୟ କୁମାର ଦାସ ସ୍ୱାଗତ ଅଭିଭାଷଣ ରଖିଥିଲା ବେଳେ ସାଧାରଣ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ଅଭିଭାଷଣରେ ଧାମରା ସାହିତ୍ୟ ସଂସଦର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସାହିତ୍ୟ ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ସାଥୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

ବିଜୟ କୁମାର ସାହୁଙ୍କ ସଭାପତିତ୍ୱ ତଥା ଗୌତମ ଦାସ, ଗୀତାରାଣୀ ବେହେରା ଓ ବସନ୍ତ ବିଶ୍ୱକର୍ମାଙ୍କ ସଂଯୋଜନାରେ ଉପେନ୍ଦ୍ର ବସ୍ତିଆ, ଅଶୋକ ପଟ୍ଟନାୟକ, ପଞ୍ଚାନନ ସାହୁ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ହୃଷୀକେଶ ସାହୁ, ମୀନକେତନ ପଶାୟତ, ତପସ୍ୱିନୀ ପ୍ରଧାନ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ଉର୍ବଶୀ ଦାଶ ପ୍ରମୁଖ ୪୨ ଜଣ କବି କବିତା ପାଠ କରିଥିଲେ। ଏହି ଅବସରରେ ସମସ୍ତ କବିଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସହରର ପ୍ରାୟ ସବୁ ଅନୁଷ୍ଠାନର କର୍ମକର୍ତ୍ତା ଏଭଳି ନିଆରା କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟପ୍ରେମୀ ଓ ସଂଗଠକ ଅଭୟ ଦାସ, ଅନିଲ ଦାଶ, ବିକ୍ରମ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ଦାଶ, ରାମକୃଷ୍ଣ ତ୍ରିପାଠୀ, ଆଲୋକ ମଲ୍ଲିକ ଉପସ୍ଥିତ ଥିଲେ।

## ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର

# 'ପ୍ରତ୍ୟେକ ଭାଷାର ଏକ ବିବର୍ତ୍ତନ କ୍ରମ ରହିଛି'

**ରାଉରକେଲା, ୧।୭(ସମିସ)**



ସହରର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଠାଗାର ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ସୁଷମା ମୋଦୀ ଆଲୋଚିକା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ 'ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ତାତ୍ପର୍ଯ୍ୟ' ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚିକା ଡ. ମୋଦୀ କହିଲେ ଯେ ପ୍ରଥମେ ଭାଷା, ତା' ପରେ ସାହିତ୍ୟ। ପ୍ରତ୍ୟେକ ଭାଷାର ଏକ ବିବର୍ତ୍ତନ କ୍ରମ ଅବଶ୍ୟ ରହିଛି। ମଣିଷର ଭାଷା ମଣିଷର ସାହିତ୍ୟ ଜୀବନରୁ ଏକ ନୂତନ ପ୍ରସ୍ତ ଯୋଗାଇ ଦେଇ ମଣିଷ ଆପଣା ସହିତ ଏକ ଭାଷାର ବିବର୍ତ୍ତନ ଘଟାଇ ଆସିଛି। ଭାଷା ସାହିତ୍ୟର ବିକାଶ ପାଇଁ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି ଅବସରରେ ଗାଳ୍ପିକ ତଥା ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଗଳ୍ପ ପୁସ୍ତକ 'କିଛି ଗତକାଲିର କିଛି ଆଜିର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ ତାରିଣୀ ଚରଣ ସାହୁ ପୁସ୍ତକର ସମୀକ୍ଷା କରିଥିଲେ। ଗାଳ୍ପିକ ଆଚାର୍ଯ୍ୟ ପୁସ୍ତକ ସମ୍ପର୍କରେ ଅଭିମତ ରଖିଥିଲେ। ମୁଖ୍ୟଅତିଥି ନାୟକ ପାଠାଗାରର ଭାଷା ସାହିତ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କୁଞ୍ଜବିହାରୀ ରାଉତ ଓ କିଶୋରୀ ମୋହନ କରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କରୁଣାକର ପାଟ୍ଟଶାଣୀ, ସୁଭାଷିନୀ ସାହୁ, ସୁମିତା ସ୍ୱାଇଁ, ରବୀନ୍ଦ୍ରନାଥ ମହାନ୍ତି, ପ୍ରତାପ ପଣ୍ଡା, ଉପେନ୍ଦ୍ର ବସ୍ତିଆ, ଅନଙ୍ଗ ପଟେଲ, ସଞ୍ଜୁକ୍ତା ଦାଶ, ଅଶୋକ ପଟ୍ଟନାୟକ, ତ୍ରିଲୋଚନ ସ୍ୱାଇଁ, ବ୍ରହ୍ମାନନ୍ଦ ପାଢ଼ୀ, ସୁନୀଲ କୁମାର ମହାନ୍ତି, ତାରିଣୀ ଚରଣ ସାହୁ, ସୁପ୍ତି କର, ସୁଶାନ୍ତ ନାୟକ, କୁଞ୍ଜବିହାରୀ ରାଉତ ଓ କିଶୋରୀ ମୋହନ କର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗଦାଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ ବୋଷ, ରାଜକୁମାର ମହାନ୍ତି, ରାଜୀବ ପାଣି, ସରୋଜ ପାତ୍ର, ବ୍ରଜେନ୍ଦ୍ର ଦାଶ, ଅଜୟ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁଁ ଅସନ୍ତୋଷ



## ● ତଦନ୍ତ ଦାବି

**ଗୁରୁଣ୍ଡିଆ, ୧।୭(ସମିସ):** ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଭାଲୁଡୁଙ୍ଗୁରିଠାରେ ଚାଲିଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ଭାଲୁଡୁଙ୍ଗୁରିଠାରୁ ମାଙ୍କଡ଼ଚୁହା ପିଚୁ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଅଟକଳ ପରିମାଣ ୪କୋଟି ୫୦ଲକ୍ଷ ହୋଇଥିବା ବେଳେ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଗ୍ରାମବାସୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ନିମ୍ନମାନର ସିମେଣ୍ଟ ଏବଂ ଅଳ୍ପ ପରିମାଣର ଢଳାଇ ଦେଇ ରାସ୍ତାରେ ଥିବା କଲଭର୍ଟଗୁଡ଼ିକୁ ବିନା ମେଟାଲିଂରେ ହ୍ୟୁମ ପାଇପ୍ ଦେଇ କାମ କରାଯାଉଛି। ଫଳରେ ତାହା ପାଣିରେ ଭାସିଯାଇଛି। ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଏହି ରାସ୍ତା ୪ କି.ମି ଥିବା ବେଳେ ୫ଟି ଗ୍ରାମକୁ ସଂଯୋଗ କରୁଛି। ତେବେ ନିମ୍ନମାନର କାମ ଯୋଗୁଁ ରାସ୍ତାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଏହାର ତଦନ୍ତ କରି ଉପଯୁକ୍ତ ମାନର କାମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସକାଳ THE SAKALA



## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ହେମଗିରି, ୧।୭(ସମିସ):** ହେମଗିରି ବ୍ଲକ ଗୋପାଳପୁର ରେଞ୍ଜ ଅନ୍ତର୍ଗତ ଭୋଗ୍ରାକଛାର ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଘୋଘରପାଲି ଗ୍ରାମର ବିହାରୀଲାଲ ଦେହେରୀ (୪୫) ବିହାରୀଲାଲ ସକାଳେ ନିକଟସ୍ଥ ଜଙ୍ଗଲକୁ କୌଣସି କାମରେ ଯାଇଥିବାବେଳେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ତେବେ କୌଣସି ମତେ ସେ ଭାଲୁ କବଳରୁ ଜୀବନ ବଞ୍ଚାଇ ଗାଁକୁ ଚାଲି ଆସିଥିଲେ। ତାଙ୍କ ପିଠି, ମୁଣ୍ଡ ଓ ଶରୀରର ଅନ୍ୟାନ୍ୟ ଅଙ୍ଗକୁ ଭାଲୁ କାମୁଡ଼ି ଗଭୀର କ୍ଷତ କରିବା ସହ ନଖରେ ବିଦାରି ଦେଇଛି। ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଜଙ୍ଗଲ ନଷ୍ଟ ସାଙ୍ଗକୁ ଖଣିଖାଦାନ ସୃଷ୍ଟି ଯୋଗୁଁ ଜଙ୍ଗଲୀ ଜନ୍ତୁ ବାରମ୍ବାର ଜନବସତିମୁହାଁ ହେଉଛନ୍ତି। କିଛିଦିନ ପୂର୍ବେ ହାତୀ ଆକ୍ରମଣରେ ଏହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଥିଲା।

## ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଚୟନ

**ସୁନ୍ଦରଗଡ଼, ୧।୭(ସମିସ):** ସୁନ୍ଦରଗଡ଼ ମଲ୍ଟି ଏକ୍ସିଲ ଟ୍ରକ ମାଲିକ ସଂଘର ଆଗାମୀ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସୁକୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ମାନଭଞ୍ଜନ ଦାସ, ଉପସଭାପତି କିଶୋର ଚନ୍ଦ୍ର ପଟେଲ, ସମ୍ପାଦକ ପର୍ଶୁରାମ ସରାଫ, ସହସମ୍ପାଦକ ଅଶୋକ ମହାନ୍ତି, ସନତ ତ୍ରିପାଠୀ ଓ କୋଷାଧ୍ୟକ୍ଷ ଭାବେ ଆଶିଷ ତ୍ରିପାଠୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସଂଘ ଉପଦେଷ୍ଟା ତଥା ନିର୍ବାଚନ ଅଧିକାରୀ ଜୟନାରାୟଣ ତ୍ରିପାଠୀ ନିର୍ବାଚନ ପରିଚାଳନା କରିବା ସହ ନୂତନ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ସଂଘ ସମ୍ପାଦକ ପର୍ଶୁରାମ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନ୍ଦରଗଡ଼ ବନଖଣ୍ଡରେ ବନ ମହୋତ୍ସବ ସପ୍ତାହ ଶୁଭାରମ୍ଭ





**ସୁନ୍ଦରଗଡ଼, ୧।୭(ସମିସ)**

ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜ୍ୱଳପୁର ବନାଞ୍ଚଳ ସାଗରପାଲି ବନ ସୁରକ୍ଷା ସମିତିରେ ସୋମବାର ବନ ମହୋତ୍ସବ ସପ୍ତାହ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରମଦାନ ମାଧ୍ୟମରେ ଚାରାରୋପଣ, ସଚେତନତା ବୈଠକ, ସିଡ୍ ବଲ୍ ରୋପଣ, ନିଜ 'ମା'ଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମ ସାଗରପାଲି ବନ ସୁରକ୍ଷା ସମିତିରେ ଆୟୋଜନ କରାଯାଇଥିଲା। ଏଥିରେ ମଙ୍ଗସପୁର ସରପଞ୍ଚ ଶ୍ରୀମତୀ ମୁଣ୍ଡା ମୁଖ୍ୟଅତିଥି, ପରିବେଶବିତ୍ ପ୍ରହ୍ଲାଦ ନାଏକ, ମଙ୍ଗସପୁର ନାଏବ ସରପଞ୍ଚ ଦେବାନନ୍ଦ ରୋହିଦାସ

**● ଚାରା ଓ ସିଡ୍ ବଲ୍ ରୋପଣ**
**● ମା'ଙ୍କ ନାମରେ ଗଛଟିଏ**

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମବାସୀଙ୍କ ସହ ଚାରାରୋପଣ କରିବା ସହ ଜଙ୍ଗଲ ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ସହଯୋଗୀ ଅନୁଷ୍ଠାନ ସେବକର ଟିମ୍ ଲିଡର ଦିଗମ୍ବର ଉପାଧ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରି ଶ୍ରମଦାନ ମାଧ୍ୟମରେ ଚାରାରୋପଣ, ବିହନ ବଲ୍ ପ୍ରସ୍ତୁତି ଓ ପ୍ରୟୋଗ, ସବୁଜ ସ୍ମୃତି ଅଭିଯାନ ଉପରେ ବୁଝାଇଥିଲେ। ଏଥିସହ 'ଗ୍ରୀନ ମେମୋରୀ' ବା 'ସବୁଜ ସ୍ମୃତି' ଅଭିଯାନର ଆବାହକ ଭାବେ ନିଜ ପରିବାରର ପ୍ରତ୍ୟେକ ସ୍ମରଣୀୟ ଦିବସରେ ଗୋଟିଏ ଲେଖାଏଁ ଚାରାରୋପଣ କରି ଆଜୀବନ ଏହାର ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସାଗରପାଲି ବନ ସୁରକ୍ଷା ସମିତିର କୁର୍ଲାଡୁଙ୍ଗରୀ ପାହାଡ଼ ପାର୍ଶ୍ୱରେ ଥିବା ଏକ ଖାଲି ସ୍ଥାନରେ ୨୨୦ ଚାରା ରୋପଣ କରାଯାଇଥିଲା। ଚଳିତ ବନ ମହୋତ୍ସବ ସପ୍ତାହରେ ଏଠାରେ ଆହୁରି ୩୦୦ରୁ ଅଧିକ ଚାରାରୋପଣ କରିବାକୁ ଲକ୍ଷ୍ୟ ରହିଛି। ଗାଁର ମହିଳାମାନଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ୮୦୦ରୁ ଊର୍ଦ୍ଧ୍ୱ ସିଡ୍ ବଲ୍ ମଧ୍ୟ ରୋପଣ କରାଯାଇଥିଲା। ଚଳିତ ବର୍ଷ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାମାନଙ୍କ ଦ୍ୱାରା ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ସିଡ୍ ବଲ୍ ପ୍ରସ୍ତୁତି ତାଲିମ ଦିଆଯିବା ସହ ଉଜ୍ଜ୍ୱଳପୁର ବନାଞ୍ଚଳର ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ହଜାରେରୁ ଊର୍ଦ୍ଧ୍ୱ ସିଡ୍ ବଲ୍ ପ୍ରସ୍ତୁତ କରି ବନ ମହୋତ୍ସବ ସପ୍ତାହରେ ରୋପଣ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥି ନିମନ୍ତେ ଚଳିତ ଗ୍ରୀଷ୍ମ ଋତୁରୁ ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ବିଭିନ୍ନ ମଞ୍ଜି ସଂଗ୍ରହ କରି ସିଡ୍ ବଲ୍ ପ୍ରସ୍ତୁତି କରାଯାଇଛି। ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମରେ ସାଗରପାଲି ଗ୍ରାମର ବିକାଶ ପଟେଲ, ଭାରତୀ ପଟେଲ, ଦେବାନନ୍ଦ ମହାଲିଙ୍ଗ ଓ କୁନ୍ତଳା ମହାଲିଙ୍ଗ ନିଜ ସ୍ୱର୍ଗବାସୀ ମା'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ।

### ▶▶ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଅବସ୍ଥା ଶୋଚନୀୟ

## ୫ ବର୍ଷିଆ ରକ୍ଷଣାବେକ୍ଷଣ ଧର୍ମକୁ ଆଖିଠାର





**ସୁନ୍ଦରଗଡ଼, ୧।୭(ସମିସ):** ନିମ୍ନମାନର କାର୍ଯ୍ୟ ଯୋଗୁଁ ସୁନ୍ଦରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ନିର୍ମିତ ରେମଣ୍ଡା ଛକରୁ ଦଳଦଳି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାର୍ଯ୍ୟ ନ ସରୁଣୁ ଶୋଚନୀୟ ହୋଇପଡ଼ିଛି। ଫଳରେ ଯାତ୍ରୀମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଥିଲେ ହେଁ ବିଭାଗ ନିଦାବିଷ୍ଟ ସାଜିଛି। ୫ ବର୍ଷିଆ ରକ୍ଷଣାବେକ୍ଷଣ ଧର୍ମକୁ ଆଖିଠାର ହୋଇଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ୨୦୨୧-୨୨ ବର୍ଷରେ ୧୫୧.୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ଠିକାଦର ସୁଧୀର କୁମାର ସାଏଦେଓ ଏହାର ଟେଣ୍ଡର ପାଇ କାର୍ଯ୍ୟ ସମ୍ପାଦନ କରିଥିଲେ। ଉକ୍ତ ବ୍ୟୟ ଅଟକଳରେ ୬.୮୦ କି.ମି ପିଚୁ ରାସ୍ତା ନିର୍ମିତ ହୋଇଛି। ନିର୍ମିତ ପିଚୁ ରାସ୍ତାର ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ୧୧.୬୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହେଇଥିବା ବେଳେ ୨୦୨୬ ଡିସେମ୍ବର ୯ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ସମୟସୀମା ରହିଛି। ତେବେ ନିମ୍ନମାନ ଯୋଗୁଁ କାମ ନ ସରୁଣୁ ବିଭିନ୍ନ ସ୍ଥାନରେ ପିଚୁ ଉଠି ଖାଲଖମା ହୋଇଛି। ନବନିର୍ମିତ ରାସ୍ତାରେ ବି ଯାତ୍ରୀଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। ବିଭିନ୍ନ ମହଲରୁ ଅଭିଯୋଗ ପରେ ସମ୍ପୃକ୍ତ ଠିକାଦାର କିଛିଟା ମରାମତି କରିଥିଲେ। ତେବେ ମରାମତିରେ ବି ନିମ୍ନମାନ ଯୋଗୁଁ ପୁଣି ଶୋଚନୀୟ ହୋଇପଡ଼ିଛି। ମୁଖ୍ୟତଃ ଉକ୍ତ ରାସ୍ତାର ମଙ୍ଗସପୁରରୁ ଦଳଦଳି ଯାଏ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଲୋକେ ଘୋର ଦୁର୍ଦ୍ଦଶା ଭୋଗି ଆସୁଛନ୍ତି। ଠିକାଦର ୫ ବର୍ଷିଆ ରକ୍ଷଣାବେକ୍ଷଣ କାମ ହୋଇଥିବା କହି ଦାୟିତ୍ୱ ଶେଷ କରିଥିବା ବେଳେ ବିଭାଗ ନିରବଦ୍ରଷ୍ଟା ସାଜିଛି। ଏ ସ୍ଥିତିରେ ଯାତ୍ରୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି।

## ସୁନ୍ଦରଗଡ଼ ଷ୍ଟେଟ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ




**ସୁନ୍ଦରଗଡ଼, ୧।୭(ସମିସ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୁନ୍ଦରଗଡ଼ ମୁଖ୍ୟ ଶାଖାର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଛି। ବନ ମହୋତ୍ସବ ସପ୍ତାହର ପ୍ରଥମ ଦିବସରେ ଆୟୋଜିତ ଉକ୍ତ ସମାରୋହରେ ସହର ଉପକଣ୍ଠ କିରେଇଠାରେ ମାହେଶ୍ୱରୀ ଗ୍ରୁପ୍ ପରିସରରେ ୫୦ରୁ ଊର୍ଦ୍ଧ୍ୱ ଆମ୍ବ, ପଣସ, ଲିଚୁ ଆଦି ଚାରା ରୋପଣ କରାଯାଇଥିଲା। ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ଓ ମାହେଶ୍ୱରୀ ଗ୍ରୁପ୍ ସହଯୋଗରେ ଏହି ଚାରା ରୋପଣ କରାଯାଇଥିବା ବେଳେ ଗଛଗୁଡ଼ିକର ଯତ୍ନ ଓ ସୁରକ୍ଷା ଦାୟିତ୍ୱ ମାହେଶ୍ୱରୀ ଗ୍ରୁପ ବହନ କରିବ ବୋଲି ଅଧ୍ୟକ୍ଷ ଫକୀର କର୍ଣ୍ଣ ଘୋଷଣା କରିଥିଲେ। ବ୍ୟାଙ୍କ ମୁଖ୍ୟ ଶୁଭେନ୍ଦୁ ଆଚାର୍ଯ୍ୟ, ସୌକିନଲାଲ ବାଗ, ସଂଘ ଉପସଭାପତି ଗୁଣନିଧି ମହାନ୍ତି, କାର୍ଯ୍ୟକାରୀ ସଭାପତି ଚିରବ୍ରତ ଦତ୍ତ, ଲଳିତ ମୋହନ ଦାସ, ଗୋବିନ୍ଦ ଚନ୍ଦ୍ର ସୁଆର, ସୁଷମା ପଟେଲ, ପୁଷ୍ପଲତା ପାଣିଗ୍ରାହୀ, ନବୀନ ପଟେଲ, ହରିବନ୍ଧୁ ଠାକୁର, ସନ୍ତୋଷ ପାଲ, ଜଗଦୀଶ ସରାଫ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ରେଭିନ୍ୟୁ କଲୋନୀସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ କରାଯାଇଥିଲା। ଏହାକୁ ଡା. ନିରଞ୍ଜନ ଭୂୟାଁ ଓ ସ୍ୱାସ୍ଥ୍ୟକର୍ମୀ ଶେଖ୍ ଫଜଲେ, ସବିତା ଚାନ୍ଦ, ନୀଳିମା ପଟେଲ, ରାମେଶ୍ୱର ଷଣ୍ଢ ପ୍ରମୁଖ ପରିଚାଳନା କରିଥିଲେ।

## ବାଲିଶଙ୍କରା କଲ୍ୟାଣ ମଣ୍ଡପ ସାମ୍ନା ରାସ୍ତାରେ ଜମୁଛି ପାଣି




**ବାଲିଶଙ୍କରା, ୧।୭(ସମିସ):** ବାଲିଶଙ୍କରା ବ୍ଲକ ବାଲିଶଙ୍କରା ପଞ୍ଚାୟତ ଚାନ୍ଦିନୀ ଛକ କଲ୍ୟାଣ ମଣ୍ଡପ ସମ୍ମୁଖରେ ପାଣି ଜମି ରହୁଛି। ଉକ୍ତ ରାସ୍ତା ଦେଇ ନିୟମିତ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାତାୟାତ କରୁଥିବାବେଳେ ଜନସାଧାରଣ ବିଭିନ୍ନ କାମରେ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ, ଗ୍ୟାସ ବିତରଣ କେନ୍ଦ୍ରକୁ ଯିବାଆସିବା କରୁଛନ୍ତି। ହେଲେ ସାମାନ୍ୟ ବର୍ଷାରେ ପାଣି ଜମିବା ଦ୍ୱାରା ପଥଚାରୀଠାରୁ ଆରମ୍ଭ କରି ଦୁଇଚକିଆ, ଚାରିଚକିଆ ଗାଡ଼ି ଯିବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଅତିଶୀଘ୍ର ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ହେମଗିରି ରେଞ୍ଜରେ ଚାରା ବଣ୍ଟନ



**ହେମଗିରି, ୧।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ରେଞ୍ଜରେ ସୋମବାର ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ବିଶ୍ୱନାଥ ସାହୁ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ସମେତ ସୁକାନ୍ତ ପତି, କାଶୀନାଥ ରାଉତ, ବିଜୟ ନାଏକ ବେହେରା, ପ୍ରମୋଦ ପତି, ବନବିଭାଗ ଅଧିକାରୀ ପ୍ରକାଶ ନାଏକ, ସଞ୍ଜୟ ନାୟକ ପ୍ରମୁଖ ଯୋଗଦେଇ ବହୁ ସଂଖ୍ୟକ ଗ୍ରାମବାସୀଙ୍କୁ ଚାରା ବଣ୍ଟନ କରିଥିଲେ। ଏଥିସହ ସବୁଜିମା ନଷ୍ଟ ରୋକିବାକୁ ଗଛ ନ କାଟିବା ତଥା ବ୍ୟାପକ ବନୀକରଣ କରିବାକୁ ଲୋକଙ୍କୁ ସଚେତନ କରିଥିଲେ।

## ଏନଟିପିସି ଦର୍ଲିପାଲି ପକ୍ଷରୁ ସ୍କୁଲ ବ୍ୟାଗ୍ ବଣ୍ଟନ



**ସୁନ୍ଦରଗଡ଼, ୧।୭(ସମିସ):** ସର୍ବଦା ଜନସାଧାରଣଙ୍କୁ ଶିକ୍ଷା ବ୍ୟବସ୍ଥାରେ ମୁଖ୍ୟ ସ୍ରୋତରେ ସାମିଲ କରିବାର ଉଦ୍ଦେଶ୍ୟ ସହିତ ଏନଟିପିସି ଦର୍ଲିପାଲି ସମ୍ପ୍ରଦାୟର ବିକାଶ ପଦକ୍ଷେପଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଆସୁଛି। ଏହାର ଆଦର୍ଶ ପ୍ରୟାସର ଅଂଶ ଭାବରେ ସ୍ଥାନୀୟ ଲୋଚନ ଉଚ୍ଚ ବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ସୋମବାର ଆୟୋଜିତ ସମାରୋହରେ ଏନଟିପିସିର ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ଏଚଏନ ଚକ୍ରବର୍ତ୍ତୀ ଓ ମାନବସମ୍ବଳ ବିଭାଗ ମୁଖ୍ୟ ପ୍ରତିଭା ସିଂ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଏବଂ ମୂଲ୍ୟ ବ୍ୟବସ୍ଥା ଗଠନରେ ବିଦ୍ୟାଳୟର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ, ଶିକ୍ଷକ, ସାଥୀମାନଙ୍କ ପ୍ରତି ନିଜର ଏକ ଭାବନା ସୃଷ୍ଟି କରିବା ଏବଂ ଏକ ଶୃଙ୍ଖଳିତ ଜୀବନଯାପନ କରି ଭବିଷ୍ୟତରେ ସଫଳ ବ୍ୟକ୍ତି ହେବା ପାଇଁ ଯତ୍ନର ସହ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଦର୍ଲିପାଲି ସରପଞ୍ଚ ନଳିନୀ କୁମୁରା ସମ୍ପ୍ରଦାୟର ବିକାଶ ପାଇଁ ଏନଟିପିସି ଦ୍ୱାରା କରାଯାଇଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ।

# ବିଭିନ୍ନ ସ୍ଥାନରେ ନୂତନ ଅପରାଧିକ ଆଇନ ସଚେତନତା





### ▶▶ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ

**ସୁନ୍ଦରଗଡ଼, ୧।୭(ସମିସ)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ନୂତନ ଅପରାଧିକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ଏଥିରେ ସଭାପତିତ୍ୱ କରି ଆଜିଠାରୁ ଦେଶରେ ଲାଗୁ ହୋଇଥିବା ନୂତନ ଅପରାଧିକ ଆଇନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରଭାସ କୁମାର ସାହୁ ସମ୍ବିଧାନରେ ସ୍ଥାନିତ ଆଇନ ସମ୍ପର୍କିତ ବ୍ୟବସ୍ଥା ବିଷୟରେ ବୁଝାଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ଡ. ଇନ୍ଦ୍ରମଣି ବେହେରା ମଧ୍ୟ କେତେକ ପ୍ରମୁଖ ନିୟମ ସମ୍ପର୍କରେ ସୂଚନା ଦେଇଥଲେ। ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ, ସରକାରୀ ପ୍ରଫେସର୍ ସାକିର ହୁସେନ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ଏହି ସଚେତନତା ଶିବିରରେ ଯୋଗଦେଇଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଡ. ବିନୋଦ ବିହାରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ▶▶ ଭସ୍ମା ଥାନା

ଭସ୍ମା ଥାନା ପରିସରରେ ସୋମବାର ଅପରାହ୍ନରେ ଆଜିଠାରୁ ଲାଗୁ ହୋଇଥିବା ନୂତନ ଅପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଆଇଆଇସି ରାମପ୍ରସାଦ ନାଗ ସଭାପତିତ୍ୱ କରି ତିନିଟି ନୂତନ ଅପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ ଅଧିନିୟମ-୨୦୨୩ ସମ୍ପର୍କରେ ଅବଗତ କରାଇଥିଲେ।

ସୁନ୍ଦରଗଡ଼ ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଦେବେନ୍ଦ୍ର କୁମାର ପଟେଲ, ମଳୟ ଚୌଧୁରୀଙ୍କ ସମେତ କୁଣ୍ଡୁକେଲା, କିରିପସିରା, ଯୋଗିମାଲ, ମଙ୍ଗସପୁର, ନିଆଲିପାଲି, ଜେ. ରାଏବଗା ଆଦି ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।



### ▶▶ ସୁନ୍ଦରଗଡ଼ ଟାଉନ ଥାନା

ସୁନ୍ଦରଗଡ଼ ଟାଉନ ଥାନା ପରିସରରେ ସୋମବାର ସନ୍ଧ୍ୟାରେ ନୂତନ ଅପରାଧିକ ଆଇନ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଥାନା ଆଇଆଇସି ଆଦିତ୍ୟ ମହାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରା ଯୋଗଦେଇ ନୂତନ ଅପରାଧିକ ଆଇନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ଅବସରରେ ଆଗାମୀ ରଥଯାତ୍ରାର ସୁପରିଚାଳନା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସ୍ଥାନୀୟ ସୁନାରିପଡ଼ା, ରଙ୍ଗାଢିପା, ରାଜବାଟୀ, ମହେଶଡିହି ଓ ଶଙ୍କରା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତଥା ମସଜିଦ କମିଟି କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ▶▶ ବଡ଼ଗାଁ ଥାନା

ବଡ଼ଗାଁ ଥାନାରେ ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଥାନା ଆଇଆଇସି ଆଶିଷ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରି ଏହି ନୂତନ ଅପରାଧିକ ଆଇନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଆଗାମୀ ଦିନରେ ଏହି ନୂତନ ଆଇନ ବିଷୟରେ ସମସ୍ତଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଦାଣ୍ଡଜମିରା ସମିତି ସଭ୍ୟା ପ୍ରଭା ଡୁଙ୍ଗଡୁଙ୍ଗ, ଡୁଡ଼ାଲଗା ସମିତି ସଭ୍ୟା ପ୍ରଭା ମାଝୀ, ଜରଙ୍ଗଲୋଇ ସରପଞ୍ଚ ମେନକା କାଲୋ, ଇତମା ସରପଞ୍ଚ ରୋଶନୀ ବାଗଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଏଥିରେ ଯୋଗଦେଇଥିଲେ।



### ● ସୁନ୍ଦରଗଡ଼ରେ ଯୁଗ୍ମ ଅଭିଯୋଗ ଶୁଣାଣି

## ୨୭ ଅଭିଯୋଗର ତତକ୍ଷଣାତ୍ ସମାଧାନ



**ସୁନ୍ଦରଗଡ଼, ୧।୭(ସମିସ):** ସ୍ଥାନୀୟ ସଭାବନା ଭବନ ପରିସରରେ ସୋମବାର ଜିଲ୍ଲାପାଳ ଡା. ପରାଗ ଗଭାଲି ଏବଂ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ଦ୍ୱାରା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୯୭ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୭୫ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ଅଭିଯୋଗ ରହିଥିଲା। ୨୭ ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଛି। ସେଥିମଧ୍ୟରୁ ୧୪ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଏବଂ ୩ଟି ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକ ମଧ୍ୟରେ ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟ, ଭତ୍ତା ଆଦି ରହିଥିଲା। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଶିକ୍ଷାନବିସ ଆଇଏଏସ୍ ଅଧିକାରୀ ଇମ୍‌କୁମ୍ ଆଇ ଓଜୁକୁମ୍‌ଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସହକାରୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୁଜଙ୍ଗ,୧୭ (ସମିସ):** କୁଜଙ୍ଗ ବ୍ଲକ୍ ଅଗପାଳ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଚଳା କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୀରାରାଣୀ ସାସମଲଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଶିକ୍ଷକ ସୁଧିର ରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ସ୍ୱାଇଁ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ସଚଳା କରଙ୍କ ପଠାପଢ଼ା ଶୈଳୀ, ମିଠା କଥା, ଶିକ୍ଷାନୁଷ୍ଠାନରେ ସଭିଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ସବୁଦିନ ପାଇଁ ମନେ ରହିବ ବୋଲି କହିଥିଲେ। ପଙ୍କପାଳ ସିଆରସିସି ଲଳିତ କୁମାର ସେଠୀ, ପ୍ରସନ୍ନ କୁମାର ସେଠୀ, ପରିଚାଳନା କମିଟି ସଭାପତି ଶାରଦା ପ୍ରସନ୍ନ ମଲ୍ଲ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିବାବେଳେ ଶିକ୍ଷକ ସୁଧୀର ରଞ୍ଜନ ମହାପାତ୍ର, ପ୍ରକାଶ ଚନ୍ଦ୍ର ପ୍ରଧାନ, ସତ୍ୟଜିତ ମହାପାତ୍ର , ତୋଫାନ କୁମାର ରାୟ, ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିମୟୀ ମହାପାତ୍ର, ମୋନାଲିସା ଭଞ୍ଜ , ସୁଭାସିନୀ ମହାପାତ୍ର, ମିନତୀ ବେହେରା, ଭାଗ୍ୟଶ୍ରୀ ଶତପଥୀ, କୁନିଲତା ଦାସ, ରଶ୍ମିତା ସାହୁ, ପିଙ୍କି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ରମ ମୋହାପାତ୍ର ଧନ୍ୟବାଦ୍ ପ୍ରଦାନ କରିଥଲେ। ସୁରଥ ମୁଦୁଲି ଓ ଅମୂଲ୍ୟ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୌଭେନ୍ଦ୍ରୀ ପାଇଲେ ପ୍ରଥମ ସ୍ୱର ପୁରସ୍କାର

**ଏରସମା,୧୭ (ସମିସ):** ଏରସମା ବ୍ଲକ ଅନ୍ତର୍ଗତ ପୋଖରୀଆପଡ଼ା ପଞ୍ଚାୟତ ଅସରଣା ଗ୍ରାମର ସୁଶାନ୍ତ କୁମାର ଜେନା ଓ ଲକ୍ଷ୍ମୀପ୍ରିୟା ଜେନାଙ୍କ ଝିଅ ସୌଭେନ୍ଦ୍ରୀ ପ୍ରାର୍ଥନା ଟିଭିର ପ୍ରଥମ ସ୍ୱର ସିଜିନ-୩ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ପାରଦର୍ଶିତା ପ୍ରତିପାଦନ କରି ପ୍ରଥମ ରନର୍ସଅପ୍ ପୁରସ୍କାର ହାସଲ କରିଛନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ୨୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଛି। ସୌଭେନ୍ଦ୍ରୀଙ୍କ ବାପା ଜଣେ କୃଷକ ହୋଇଥିଲେ ମଧ୍ୟ ତାଙ୍କର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ଏତେ ବାଟ ଯାଇପାରିଛନ୍ତି। ନିଜ ପରିବାର ଓ ଗ୍ରାମକୁ ଗୌରବାନ୍ୱିତ କରିପାରିଛନ୍ତି। ସେ ପ୍ରାର୍ଥନା ଟିଭିର ବିଚାରକମଣ୍ଡଳୀ ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ରାଜନଗରରେ ଜାତୀୟ ଡାକ୍ତର ଦିବସ ପାଳିତ



**ରାଜନଗର, ୧୭ (ସମିସ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଚିକିତ୍ସା ଅଧିକାରୀ ଡା଼ଃ. ରଶ୍ମୀ ରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଯୋଗଦେଇଥିବା ସମସ୍ତ କାର୍ଯ୍ୟରତ ଡାକ୍ତରମାନଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରି ଭାରତର ପ୍ରଖ୍ୟାତ ଡାକ୍ତର ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାନଚନ୍ଦ୍ର ରାୟଙ୍କ ଜନ୍ମଜୟନ୍ତୀକୁ ସାରା ଦେଶ ନବେ ଦଶକ ଠାରୁ ଡାକ୍ତର ଦିବସ ରୂପେ ପାଳନ କରି ଆସୁଛି। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଆଜିର ଯୁବ ଡାକ୍ତରମାନେ ଡାଃ. ରାୟଙ୍କ ତ୍ୟାଗ, ତିତୀକ୍ଷା, ଦୁର୍ଗତମାନଙ୍କର ଚିକିତ୍ସା କ୍ଷେତ୍ରରେ ତାଙ୍କ ସ୍ମରଣରେ ସେବାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। କରୋନା ମହାମାରୀ ସମୟରେ ସାରା ବିଶ୍ୱରେ କରୋନାର ବିଭିଷୀକାକୁ ଭ୍ରୂକ୍ଷେପ ନକରି ଡାକ୍ତରମାନଙ୍କ ସେବା ଯୁଗ ଯୁଗ ପାଇଁ ମାନବ ସମାଜ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଡାଃ. ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସୂତି ବିଭାଗର ଡାକ୍ତର ରୁଦ୍ର ପ୍ରସାଦ ରାୟ, ଡାଃ. ମନୋରଞ୍ଜନ ନାଥ, ଡାଃ. ଟିଟି ମିଶ୍ର, ଡାଃ. ଆଦିତ୍ୟ ପ୍ରଧାନ, ଡାଃ. ନିଳାଦ୍ରୀ ପଣ୍ଡା, ଡାଃ. ସୁଧାଂଶୁବାଳା ବେହେରା, ଡାଃ. ଆଶୁତୋଷ ବାରିକ, ଡାଃ. ପୁଷ୍ପାଞ୍ଜଳି ମହାପାତ୍ର, ଡାଃ. ଉପାସନା ବିଶ୍ୱାଳ, ଡାଃ. ପୂର୍ଣ୍ଣୋତୟା ମହାନ୍ତି, ଡାଃ. ଶ୍ରୀତମ ପାତ୍ର, ଡାଃ. ସତ୍ୟଜିତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିପିଓ ଶ୍ରୀକାନ୍ତ ଦାସ, ରଞ୍ଜନ କୁମାର ଦାସ, ଚନ୍ଦ୍ରଶେଖର ମଲିକ, ଯୀଶୁଖ୍ରୀଷ୍ଟ ରାଉତ, ନିର୍ମଳ କୁମାର ଦାସ, ହିମାଂଶୁ ଶେଖର ଦାସ, ତରୁଲତା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତ ଡାକ୍ତର ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

### ଚାନ୍ଦୋଳ ବସ୍‌ଷ୍ଟପ୍‌ଠାରୁ ଦାନପୁର ପ୍ରଧାନମନ୍ତ୍ରୀ ସଡ଼କ

## ନିର୍ମାଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ ନ କରି ଅର୍ଥ ହରିଲୁଟ୍ ମସୁଧା

**ଡେରାବିଶ,୧୭ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ବସ୍‌ଷ୍ଟପ ଠାରୁ ଦାନପୁର ପର୍ଯ୍ୟନ୍ତ ୨.୪୧୫ କିଲୋମିଟର ରାସ୍ତାର ନିର୍ମାଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ କାର୍ଯ୍ୟ ନକରି ସେ ବାବଦରେ ଥିବା ଅର୍ଥରାଶିକୁ ଚଳୁ କରିବା ମସୁଧା ଏବେ ଜନସାଧାରଣଙ୍କ ନଜରକୁ ଆସିଛି। ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଚାନ୍ଦୋଳ ବସଷ୍ଟପରରୁ ଦାନପୁର ଯାଏ ରାସ୍ତାର ନିର୍ମାଣ କାର୍ଯ୍ୟ ୨୦୧୯ ମସିହା ମେ ମାସରେ ଆରମ୍ଭ ହୋଇ ୨୦୨୦ ମସିହା ମେ ମାସରେ ଶେଷ ହୋଇଥିଲା। ଏହି ରାସ୍ତାର ୧.୦୯୩ କିଲୋମିଟର ପିଚୁ କରାଯାଇଥିବା ବେଳେ ମାତ୍ର ୦.୨୯୨ କିଲୋମିଟର ପକ୍କା ରାସ୍ତା କରାଯାଇଥିଲା। ନିୟମ ଅନୁଯାୟୀ ନିର୍ମାଣର ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ଠିକାଦାର ଜଣକ ରାସ୍ତାର ରକ୍ଷଣାବେକ୍ଷଣ କରିବା କଥା ଏବଂ ସେଥିପାଇଁ ବିଭାଗ ତରଫରୁ ବ୍ୟବବରାଦ ମଧ୍ୟ ହୋଇଥାଏ। ନିୟମ ଅନୁଯାୟୀ ବର୍ଷକୁ ଥରେ ଲେଖାଏ ବର୍ଷା ଋତୁ ପରେ ରାସ୍ତା କଡ଼ରୁ ଘାସ ଓ ଡାଳପତ୍ର ସଫା, ପାଣିକଟା ଧାର ପୁନଃ ମରାମତି, ଦରକାର ଅନୁସାରେ ରାସ୍ତାର ଉଭୟ






ପାର୍ଶ୍ୱର ମାଟି ସେଲ୍ଡର ମରାମତି, ରାସ୍ତା ପାଶ୍ୱର୍ ନିର୍ମିତ ନାଳର ମରାମତି କରାଯିବା କଥା। ଏହାଛଡ଼ା ରାସ୍ତାରେ ଲଗାଯାଇଥିବା କିଲୋମିଟର ଖୁଣ୍ଟି ଓ ସାଇନ୍‌ବୋଡର୍ ମରାମତି ଆବଶ୍ୟକ ଅନୁସାରେ କରାଯିବା ପାଇଁ ଅର୍ଥ ବରାଦ ରହିଛି। ଏହାଛଡ଼ା ରାସ୍ତା ଉପରେ ଗାତ ଓ ଫାଟ ମରାମତି ଏବଂ ତିଆରି ହୋଇଥିବା ଶଙ୍ଖ ପୋଲର ମରାମତି ବର୍ଷକୁ ଦୁଇଥର କରାଯିବାର ନିୟମ ମଧ୍ୟ ରହିଛି। ଚଳିତ ବର୍ଷ ରାସ୍ତାରେ ଥିବା କୌଣସି ଖାଲଖମା ଆଦୌ ମରାମତି କରାଯାଇନଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ହେଲେ ଏସବୁ ନିର୍ମାଣର ପରବର୍ତ୍ତୀ ରକ୍ଷଣାବେକ୍ଷଣ ପାଇଁ ଚଳିତ ବର୍ଷ ହାରାହାରି ୨ ଲକ୍ଷ ଟଙ୍କା ବ୍ୟୟ ବରାଦ ରହିଥିଲେ ବି ଠିକାଦର ଜଣକ ରାସ୍ତାର ଦୁଇପଟ ଘାସ ଚାଞ୍ଛି ସମସ୍ତ ଅର୍ଥ ଚଳୁ କରିବାକୁ ମସୁଧା କରିଥିବା ଅଞ୍ଚଳବାସୀମାନେ ଅଭିଯୋଗ କରିଛନ୍ତି। ଏବେ ସୁଦ୍ଧା ରାସ୍ତାରେ ବଡ଼ ବଡ଼ ଖାଲଖମା ଭର୍ତ୍ତି ହୋଇ ରହିଥିବା ବେଳେ ଲୋକମାନେ ଦୈନିକ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶିଘ୍ର ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଉତ୍କଳମଣିଙ୍କ ଶ୍ରାଦ୍ଧୋତ୍ସବରେ ପ୍ରବନ୍ଧ ପ୍ରତିଯୋଗିତା

## ପଦ୍ମଜା ପ୍ରଥମ, ଜୁଏଲ ଦ୍ୱିତୀୟ, ଅନୁଷ୍କା ତୃତୀୟ



**ଜଗତସିଂହପୁର,୧୭ (ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧୋତ୍ସବ ପାଳନ ଉପଲକ୍ଷେ ଦୈନିକ ସମାଜ ପକ୍ଷରୁ ଜଗତସିଂହପୁରରେ ଜଲ୍ଲାସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୪ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାରଣା ଯୋଗଦେଇ ଖାତାର ମୂଲ୍ୟାଙ୍କନ କରିଥିଲେ। ଏ ଅବସରରେ ସମାଜର ଜଗତସିଂହପୁର ଜିଲ୍ଲା ପ୍ରତିନିଧି ରାଧାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଉପଖଣ୍ଡ ପୁଲିସ ଅଧିକାରୀ ରଶ୍ମୀରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର କୁମାର ପାଲ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଜଗତସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପଦ୍ମଜା ମହାନ୍ତି ପ୍ରଥମ, ତର୍ତ୍ତଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ର ଜୁଏଲ ସଞ୍ଜୀବ ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଅନୁଷ୍କା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ତ୍ରିଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସାମ୍ବାଦିକ ମନୋଜ ଦାଶ, ରଶ୍ମୀରଞ୍ଜନ ମହାପାତ୍ର, ମାନସ କାନୁନଗୋ, ଦୁର୍ଯ୍ୟୋଧନ ମହାରଣା, ସନ୍ତୋଷ ଦାସ ଓ ସରକାରୀ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରାଜକନିକାରେ ନିଅଣ୍ଟିଆ ବର୍ଷା; ଚାଷୀ ଜଳକା

**ରାଜକନିକା,୧୭ (ସମିସ):** ଜୁନ୍ ସରିଲା, ହେଲେ ଆଶାନୁରୂପକ ବର୍ଷା ହେଲାନି। ସବୁଦିନ ମୌସୁମୀ ଆସିବା, ଲଘୁଚାପ ସୃଷ୍ଟି ହେବା ଉପରେ ଭରସା କରୁଥିବା ଚାଷୀ ଆକାଶକୁ ଅନେଇ ଅନେଇ ଦିନ ଗଣୁଛି। ପାଣିପାଗର ସମସ୍ତ ପୂର୍ବାନୁମାନକୁ ଭୁଲ ପ୍ରମାଣିତ କରି ପ୍ରତିବର୍ଷ ଭଳି ଚଳିତ ବର୍ଷ ମୌସୁମୀ ବି ଦାଉ ସାଧିଛି। ଗତ ଦୁଇମାସ ଭିତରେ ସ୍ୱାଭାବିକଠାରୁ ବହୁ କମ ପରିମାଣର ବର୍ଷା ଯୋଗୁ ଚାଷୀ ଖରିଫ ଧାନ ଚାଷ ପାଇଁ ସମ୍ପୂର୍ଣ୍ଣ ଅନିଶ୍ଚିତତା ଭିତରେ ଅଛି। ଖରସ୍ରୋତା ବୈତରଣୀ ନଦୀ କୂଳରେ ଅବସ୍ଥିତି ରାଜକନିକା ବ୍ଲକ ଦେଇ ନଦୀର ଲୁଣିପାଣି ସମୁଦ୍ରକୁ ଯାଉଥିବା ଆଳ ଦେଖାଇ ଭଦ୍ରକ ଜିଲ୍ଲାକୁ ନଦୀ ପାଣି ଦେଇଥିବା ସରକାରୀ ବ୍ୟବସ୍ଥା ଆଜି ଯାଏ ରାଜକନିକା ବ୍ଲକର ଜମିକୁ ଜଳସେଚନ କରିବା ଭୁଲି ଯିବାରୁ ଆଜି ବି ଏଠାକାର ଚାଷୀ ଇନ୍ଦ୍ରଙ୍କ କୃପା ଦୃଷ୍ଟିରେ ଚାଷ କରି ଆସୁଛି। ଆଶାନୁରୂପକ ବର୍ଷା ନ ହେବାରୁ ପୋଖରୀ ଗଡିଆ ବି ଶୁଖିଲା ପଡିଛି। ତଳି ପକାଇବାର ସମୟରେ ମୌସୁମୀ ବାଧକ ହେବା, ଲଘୁଚାପ ବର୍ଷା ନ ହେବାରୁ କଣ୍ଡିଆ ଠାରୁ କାଟଣା ଯାଏ ଚାଷୀ ଜଳକା ହୋଇ ଚାହିଁଛନ୍ତି। ଜଳସେଚନ ନଥିବାବେଳେ ଉଠା ଜଳସେଚନ ମଧ୍ୟ ସେତେଟା କାର୍ଯ୍ୟକ୍ଷମ ହୋଇନାହିଁ। ଖରିଫ ଋତୁ ଆରମ୍ଭରୁ ରାଜକନିକା ବ୍ଲକର ଚାଷୀ ଧୋକାଖାଇ ବସି ରହିଥିବା ବେଳେ ବ୍ଲକ କୃଷି ବିଭାଗ ମଧ୍ୟ ନୀରବ ରହିଛି।

## ଶ୍ରୀଜଗନ୍ନାଥ ମହୋତ୍ସବ ପ୍ରସ୍ତୁତି ବୈଠକ

**ଜଗତସିଂହପୁର,୧୭ (ସମିସ):** ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଖୋରଡ ଗ୍ରାମରେ ବିଗତ ବର୍ଷ ଭଳି ଚଳିତ ବର୍ଷ ଷଷ୍ଠ ବାର୍ଷିକ ଶ୍ରୀଜଗନ୍ନାଥ ମହୋତ୍ସବ ଆସନ୍ତା ୭ ତାରିଖରୁ ଆରମ୍ଭ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଭାପତି ଅଶୋକ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ନବଦିନାତ୍ମକ ମହୋତ୍ସବରେ ରଥଯାତ୍ରା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତୁତି ବୈଠକରେ କମିଟିର ସମ୍ପାଦକ ଶିଶିର କୁମାର ତ୍ରିପାଠୀ, ରଞ୍ଜିତ ସାହୁ, ମାନସ ଦାସ, କିଶୋର ଚନ୍ଦ୍ର ଜେନା, ନରେଶ ଦାସ, ଦିଗମ୍ବର ଦାସ, ଚନ୍ଦନଲାଲ ପରିଜା, ସମୀର ଦାସ ଓ ପତିତପାବନ ପାଠାଗାରର ସଦସ୍ୟ ପ୍ରସନ୍ନ ସ୍ୱାଇଁ, ଜଗନ୍ନାଥ ସାହୁ ଯୋଗଦେଇଥିଲେ।

## ଡେରାବିଶ ବ୍ଲକ୍ ଯାତ୍ରା କମିଟି ବୈଠକ



**ଡେରାବିଶ,୧୭ (ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପରିସରରେ ଡେରାବିଶ ବ୍ଲକ ଯାତ୍ରା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କମିଟିର ସଭାପତି ବିଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ କମିଟିର ସଦସ୍ୟ ନିରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିଲେ। ବୈଠକରେ ଯାତ୍ରା କମିଟିର ଜିଲ୍ଲା ସଭାପତି ମିହିର କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ବୈଠକରେ ଯୋଗଦେଇଥିବା ବ୍ଲକର ବିଭିନ୍ନ ଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ଯାତ୍ରା ଅନୁଷ୍ଠାନ ମାଲିକମାନଙ୍କର ଯାତ୍ରା ପରିବେଷଣ ପାଇଁ ଅତ୍ୟଧିକ ମୂଲ୍ୟଧାର୍ଯ୍ୟ କରୁଥିବାରୁ ଯାତ୍ରା କମିଟିମାନେ ସର୍ବଦା କ୍ଷତିର ସମ୍ମୁଖିନ ହେଉଛନ୍ତି। ଯାହା ଫଳରେ ଅନୁଷ୍ଠାନକୁ ବଞ୍ଚାଇବାରେ ବହୁ ସମସ୍ୟା ଉପୁଜୁଛି। ଏ ବିଷୟରେ ଜିଲ୍ଲା ଯାତ୍ରା କମିଟି ସଂଘ ପକ୍ଷରୁ ଯାତ୍ରା ଅନୁଷ୍ଠାନ ମାଲିକଙ୍କ ସହିତ ଆଲୋଚନା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା। ଏହାଛଡ଼ା ଦୀର୍ଘବର୍ଷଧରି ଯାତ୍ରା ଅନୁଷ୍ଠାନର ମାଲିକ ଓ ଯାତ୍ରା କମିଟିର ସଦସ୍ୟମାନଙ୍କ ମଧ୍ୟରେ ହେଉଥିବା ଚୁକ୍ତିନାମାରେ ଯାତ୍ରା କମିଟି ଅଧିକ ଖର୍ଚ୍ଚାନ୍ତ ହେଉଥିବା ଯୋଗୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଜିଲ୍ଲା ସଂଘ ଏସବୁ ସମସ୍ୟାର ଲିଖିତ ଭାବରେ ଯାତ୍ରା ମାଲିକଙ୍କୁ ଜଣାଇ ଚୁକ୍ତିନାମାରେ ପରିବର୍ତ୍ତନ ଆଣିବା ପାଇଁ ସଂଘ ସଭାପତି ଶ୍ରୀ ସାମଲ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ବ୍ଲକ ଯାତ୍ରା କମିଟିର ଉପସଭାପତି ଦୈତାରୀ ଜେନା, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, ସହ-ସମ୍ପାଦକ ପତିତପାବନ ପରିଜା, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ସାମନ୍ତରାୟ ଏବଂ ବ୍ଲକର ୧୪ ଗୋଟି ଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଉଦୟ ଚାନ୍ଦଙ୍କ ନାମରେ ନାମିତ କରାଯାଉ



**କୁଜଙ୍ଗ,୧୭ (ସମିସ):** ପାରାଦୀପ ବନ୍ଦର ପ୍ରତିଷ୍ଠା ପୂର୍ବରୁ କୁଜଙ୍ଗ ବନବିହାରୀ ହାଇସ୍କୁଲ ଓ ଉଦୟ ଚାନ୍ଦ ଚାରିଟେବୁଲ ଡିସପେନସାରୀ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ପ୍ରମୁଖ ସାଧନ ଥିଲା। ଅବିଭକ୍ତ କଟକ ଜିଲ୍ଲାର ଦୁଇ ଐତିହ ସମ୍ପନ୍ନ ଅନୁଷ୍ଠାନ ମଧ୍ୟରୁ ବିବି ହାଇସ୍କୁଲ ଯେନତେନ ପ୍ରକାର ନିଜର ସ୍ଥିତି ବଜାୟ ରଖିବାକୁ ସକ୍ଷମ ହୋଇଥିବାବେଳେ କୁଜଙ୍ଗ ସ୍ୱାସ୍ଥ୍ୟ ସେବାର ସାଧନ ଥିବା କୁଜଙ୍ଗର ତତ୍କାଳୀନ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଇତିହାସ ହୋଇଯାଇଥିବା କୁଜଙ୍ଗର ପ୍ରାକ୍ତନ ସମିତି ସଭ୍ୟ ଏଏନ୍‌ଡି ଯାଦବ ଅଭିଯୋଗ କରିଛନ୍ତି। ବର୍ତ୍ତମାନର କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦୟଚାନ୍ଦଙ୍କ ନାମରେ ନାମିତ କରାଯିବାକୁ ଦାବି କରିଛନ୍ତି।

୧୮୯୩ରେ ଉଦୟ ଚାନ୍ଦ ଚାରିଟେବୁଲ ଡିସପେନସାରୀ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ନାମିତ କରାଯାଇଥିଲା। ଉଦୟଚାନ୍ଦ ଚାରିଟେବୁଲ ଅନୁଷ୍ଠାନ ଓ ଏହାର ପ୍ରତିଷ୍ଠାତାଙ୍କ ପ୍ରତି ଉତ୍ତର ପୁରୁଷଙ୍କ ଏହା କ'ଣ ସମ୍ମାନ ବୋଲି ପ୍ରଶ୍ନ କରାଯିବା ସହ ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନାମ ଉଦୟଚାନ୍ଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରିବାକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଯଦି ସ୍ୱାଧୀନତା ପାଇବା ପରେ କଟକ ଏସ୍‌ସିବି ମେଡିକାଲର ନାମ ରହିପାରିଲା, ବିବି ହାଇସ୍କୁଲର ସେହି ନାମ ରହିପାରିଲା; ତେବେ ଯେଉଁ ସମୟରେ ଉପକୂଳବାସୀଙ୍କୁ ଆଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇଥିବା ବ୍ୟକ୍ତିବିଶେଷଙ୍କୁ ଆମେ କାହିଁକି ସମ୍ମାନ ଦେବାନି ବୋଲି ଯାଦବ ନେତା ଏଏନ୍‌ଡି ଯାଦବ କ୍ଷୋଭ ପ୍ରକାଶ କରିଛନ୍ତି। ସେ ୨୦୦୨ରେ ସମିତିସଭ୍ୟ ଥିବାବେଳେ ଏ ନେଇ ଏକ ପ୍ରସ୍ତାବ ପଞ୍ଚାୟତ ସମିତି ସଭାରେ ଦାବି କରିଥିବାବେଳେ ତାହା ଅଦ୍ୟାବଧି ପୂରଣ ହୋଇନାହିଁ। ଯେଉଁ ସମୟରେ କୁଜଙ୍ଗରେ ଆଧୁନିକ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଥିଲା, ସେ ସମୟରେ ଜିଲ୍ଲାର ଅନ୍ୟ ଅଞ୍ଚଳରେ ମେଡିକାଲ ନ ଥିଲା। ଏବେ ସେସବୁ ଅଞ୍ଚଳ ସ୍ୱାସ୍ଥ୍ୟ ସେବାରେ ସେମାନେ କୁଜଙ୍ଗରୁ ଆଗରେ ଥିବା ବୋଲି କହିବା ସହ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ରହିବା ନେଇ ସାଧାରଣରେ ଦାବି ହୋଇଛି। ପାରାଦୀପ ବନ୍ଦର ପ୍ରତିଷ୍ଠା ପରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଆଧୁନିକୀକରଣ ପାଇଁ ଦାବି ହୋଇଥିବାବେଳେ ସ୍ଥାନୀୟ ଶିଳ୍ପ ସଂସ୍ଥା କେବଳ ଲୋକଦେଖାଣିଆ ଉପକରଣ ଦେଇ କାମ ସାରିଦେଇଛନ୍ତି। ତେବେ ଏହି ଐତିହ ସମ୍ପନ୍ନ ଅନୁଷ୍ଠାନ କୁଜଙ୍ଗର ପରିଚୟ ହୋଇଥିବାବେଳେ ଓ ରାଜ୍ୟ ସରକାର ଐତିହ ରାଜିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଗ୍ରହ ଦେଖାଉଥିବାବେଳେ ସ୍ୱାଧୀନତା ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଅନୁଷ୍ଠାନ ନାମ ନ ରହିବା କ୍ଷୋଭର ବିଷୟ ବୋଲି ଶ୍ରୀ ଯାଦବ କହିଛନ୍ତି।




## ସମାଜସେବୀଙ୍କ ସ୍ମୃତିଚାରଣ ସଭା



**କୁଜଙ୍ଗ,୧୭ (ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ହଂସୁରା ପଞ୍ଚାୟତ ହଂସୁରା ଗ୍ରାମର ସମାଜସେବୀ ତଥା ଆଧ୍ୟାତ୍ମିକବାଦୀ ବ୍ୟକ୍ତି ନିହାର ରଞ୍ଜନ ଦାସଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ପଣ୍ଡିତ ଅଭୟ ଦାଶ ସଂଯୋଜନା କରିଥିଲେ। ଉକ୍ତ ସ୍ମୃତିଚାରଣ ସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ ଅମର ଆତ୍ମାର ସଦଗତି କାମନା କରିବା ସହ ନିହାର ରଞ୍ଜନଙ୍କ ସାମାଜିକ କାର୍ଯ୍ୟ, ଆଧ୍ୟାତ୍ମିକ ରୁଚି, ନିରବିଚ୍ଛନ୍ନ ଭାବେ ରାହାମା ବଜାରରେ ପାଥୋଲାବ ଦ୍ୱାରା ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ମାନବ ସେବାକୁ ମାଧବ ସେବାର ବ୍ରତୀ କରିବାର ଗୁଣ ଓ କର୍ମକୁ ବଖାଣିଥିଲେ। ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମାଜସେବୀ ଆଡ଼ଭୋକେଟ ଡଃ ସୁନାକର ବେହେରା, ଶିକ୍ଷକ ବିନୋଦ ବିହାରୀ ମୁଦୁଲି, ଜ୍ୟୋତିର୍ବିତ ଡଃ ଅରୁଣ ପାଣି, ଶରତ ଚନ୍ଦ୍ର ବେହେରା, ଅଜୟ ସାମନ୍ତରାୟ, ବଡଭାଇ ଚିତ୍ତରଞ୍ଜନ ଦାସ, ସାନଭାଇ ଚନ୍ଦ୍ରମଣି ଦାସ, ଟିକି ଅପା ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ପରିବାର ବୃନ୍ଦ ଓ ସମସ୍ତ ଗ୍ରାମବାସୀ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ପଲଶାଗୋର, ୧।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ଶିକ୍ଷା ସର୍କଲ ଅଧୀନ ପିପିଲିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ମହାକୁଡ ଚାକିରିରୁ ଅବସର ନେଇଛନ୍ତି। ଶ୍ରୀ ମହାକୁଡ ଜଣେ ନିର୍ଭୀକ ଓ ଛାତ୍ରବତ୍ସଳ ଗୁରୁ ଅଟନ୍ତି। ଏହି ଅବସରରେ ରବିବାର କୁଣ୍ଡାମାଳ ଉନ୍ନୀତ ଉଚ୍ଚବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ମୁଖ୍ୟ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଗାଚରଣ ପ୍ରଧାନ ଉପସ୍ଥିତ ଥିଲେ। ତାଙ୍କସହ ଜିଲ୍ଲା ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ଶିଶିର ଖଟୁଆ, ସିଆର୍‌ସିସି ହୃଦାନନ୍ଦ ଦନ୍ତା, ପ୍ରଧାନଶିକ୍ଷକ ଉଦ୍ଧବ ମହାଲିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଶଗଡ଼ା, ୧।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧୀନ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ କଣ୍ଟାମାଳଠାରେ କଣ୍ଟାମାଳ କ୍ଲଷ୍ଟର ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ କଣ୍ଟାମାଳ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିନାଥ ପାଣି ଓ ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଚାକିରିରୁ ଜୁନ ମାସ ୩୦ ତାରିଖ ଦିନ ଅବସର ଗ୍ରହଣ କରୁଥିବା ହେତୁ କଣ୍ଟାମାଳ କ୍ଲଷ୍ଟର ତରଫରୁ ଉଭୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କଣ୍ଟାମାଳ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୀବ କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ଦୁର୍ଗାଚରଣ ପ୍ରଧାନ ମୁଖ୍ୟଅତିଥି ଓ ଏବିଇଓ ଲକ୍ଷ୍ମୀ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ସେହିପରି ସଭାରେ ଉଦେପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାବୁଲାଲ ମହାକୁଡ଼, ଖଲିଆପାଲି ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ, ସର୍ଗିପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀ ପଣ୍ଡାଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡା ଧନ୍ୟବାଦ ଦେଇଥିଲେ। କଣ୍ଟାମାଳ କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ସଂଶୋଧିତ ନିୟମ ଉପରେ ସଚେତନତା

**କଣ୍ଟାମାଳ, ୧।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପରିସରରେ ଭାରତୀୟ ନ୍ୟାୟ ସଂହିତା ଆଇନ୍-୨୦୨୩ର ସଂଶୋଧନ ଉପରେ ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ଦ୍ୱାରା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ପ୍ରଚଳିତ ୩ଟି ଆଇନକୁ ସଂଶୋଧନ କରାଯାଇ ନ୍ୟାୟିକ ବିଚାରକୁ ନୂତନ ଭାବେ ଜୁଲାଇ ୧ ତାରିଖରେ ସାରା ଭାରତରେ ବିଧିବଦ୍ଧ ଭାବେ ଲାଗୁହେବା ଉପରେ ଜନସାଧାରଣଙ୍କୁ ବୁଝାଇଥିଲେ। ଉକ୍ତ ସଚେତନତା ସଭାରେ ଆଦିବାସୀ ନେତା ସାମନ୍ତ ମାଝୀ, ପିତାମ୍ବର ଭୋଇ, ବଂଶୀଧର ମାଝୀ, ଘଣ୍ଟାପଡ଼ା ସରପଞ୍ଚ ରୀତା କହଁର, ଆମ୍ବଗାଁ ସରପଞ୍ଚ ପ୍ରତିନିଧି ପ୍ରତାପ ରଣା, ସାମାଜିକ କର୍ମୀ କୁଞ୍ଜବିହାରୀ ଦେହୁରୀ, ଦେବେନ୍ଦ୍ର ସାହୁ, ସାମ୍ବାଦିକ ଗଣ, ପୁଲିସ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଏସ୍‌ଆଇ ପବିତ୍ର ମୋହନ ସାମଲ ଧନ୍ୟବାଦ ଦେଇଥିଲେ।

# ଭାରତୀୟ ଆଇନ ସଂହିତା କର୍ମଶାଳା

**ବୌଦ୍ଧ, ୧।୭ (ସମିସ):** ସମଗ୍ର ଦେଶରେ ଜୁଲାଇ ୧ରୁ ନୂତନ ଅପରାଧିକ ଆଇନ ଲାଗୁ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ଏହି ନୂତନ ଆଇନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ଦଲାଲ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଧୂରୀଣ କୁମାର ଦେହୁରୀ, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ରଜାଏ ରସୁଲ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶିବ ପ୍ରସାଦ ମିଶ୍ର, ବୌଦ୍ଧ ପଞ୍ଚାୟତ କଲେଜ ଅଧ୍ୟକ୍ଷ ପ୍ରକାଶ ବେହେରା, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ଇଂରେଜ ଅମଳରୁ ପ୍ରଚଳିତ ଆଇନ ସବୁକୁ ବଦଳାଇ ନୂତନ ଆଇନ ଲାଗୁ କରାଯାଇଥିବା ସୂଚନା ଦିଆଯାଇଛି। ୧୮୬୦ ମସିହାରୁ ଚାଲିଥିବା




ଆଇପିସି ବଦଳରେ ଭାରତୀୟ ନ୍ୟାୟ ସଂହିତା, ସିପିସି ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ବଦଳରେ ଭାରତୀୟ ସାକ୍ଷ୍ୟ ଆଇନ ପ୍ରଣୟନ କରାଯାଇଛି। ଏହି କର୍ମଶାଳାରେ ଏସବୁ ନୂତନ ଆଇନ ସମ୍ପର୍କରେ ଆଲୋଚନା କରାଯାଇ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଏହି ନୂତନ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। କର୍ମଶାଳାରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଓକିଲ ସଂଘ କର୍ମକର୍ତ୍ତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଶୋଇଥିବା ଯୁବକଙ୍କୁ ହାଣି ହତ୍ୟା ମାମଲା; ଅଭିଯୁକ୍ତ ଗିରଫ

**ରାଉରକେଲା, ୧।୭ (ସମିସ)**

ବିଶ୍ରା ଥାନା ଅନ୍ତର୍ଗତ ଚିତାପେଡ଼ି ପଞ୍ଚାୟତ ପିତାଲ ବଡ଼ାଇକଟୋଲିରେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲାରେ ଫେରାର୍ ହତ୍ୟାକାରୀ ପୁଷା ବଡ଼ାଇକ (୩୫)ଙ୍କୁ ପୁଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ହତ୍ୟାକାରୀର ରକ୍ତଭିଜା ସାର୍ଟକୁ ପୁଲିସ ଜବତ କରିଛି। ହତ୍ୟାକାଣ୍ଡ ପଛରେ ଜମିବାଡ଼ି ବିବାଦ ହିଁ ମୁଖ୍ୟ କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପିତାଲ ବାଡ଼ାଇକଟୋଲିରେ ଜୟନ୍ତୀ ବଡ଼ାଇକ ଏବଂ ତାଙ୍କ ପୁଅ ବିଜୟ ବଡ଼ାଇକ (୩୧) ରହୁଥିଲେ। ବିଜୟ ଅବିବାହିତ ଏବଂ ସେ ଏକ ଟାଉନ ବସରେ ଖଲାସୀ ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ପୂର୍ବେ ସେ କାମ ଛାଡ଼ି ଘରେ ଥିଲେ। ୧୨ ଦିନ ପୂର୍ବେ ତାଙ୍କ ବାପା ଜୟପାଲ କାମ କରିବାକୁ ତାମିଲନାଡୁ ଯାଇଥିବା ବେଳେ ଗାଁରେ ମାଆପୁଅ ରହୁଥିଲେ। ସେହି ଗାଁର ବିଜୟଙ୍କ ସମ୍ପର୍କୀୟ ଭାଇ ପୁଷା ବଡ଼ାଇକ ସହ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ବିଜୟ କିଛିଦିନ ପୂର୍ବେ ପୁଷାଙ୍କୁ ଗଛରେ ବାନ୍ଧି ଗାଁ ଦାଣ୍ଡରେ ନିର୍ଘୃମ ପିଟିଥିଲେ। ଏଥିରେ ଭୟଭୀତ ହୋଇ ପୁଷା ଗାଁ ଛାଡ଼ି କୁକୁଡା ଗେଟ ନିକଟରେ ରହିବା ସହ ପ୍ରତିଶୋଧ ନେବାକୁ ସୁଯୋଗ ଅପେକ୍ଷାରେ ରହିଥିଲେ।

## ହତ୍ୟାକାଣ୍ଡ ପଛରେ ଜମିବାଡ଼ି ବିବାଦ

ଗୁରୁବାର ରାତିରେ ଜୟନ୍ତୀ ଓ ବିଜୟ ଖାଇସାରିବା ପରେ ଘର ବାରଣ୍ଡାରେ ୨ଟି ଖଟିଆରେ ଶୋଇଥିଲେ। ସକାଳେ ଜୟନ୍ତୀଙ୍କ ନିଦ ଭାଙ୍ଗିବା ପରେ ବିଜୟ ଶୋଇଥିବା ଖଟିଆ ତଳେ ମେଞ୍ଚା ମେଞ୍ଚା ରକ୍ତ ପଡ଼ିଥିବା ଦେଖି ଭୟଭୀତ ହୋଇ ପାଖକୁ ଯାଇଥିଲେ। ବିଜୟଙ୍କ ମୁଣ୍ଡରେ ଟାଙ୍ଗିଆ ଚୋଟ ବସି



ଏକ ବଡ଼ କ୍ଷତ ସୃଷ୍ଟି ହେବା ସହ ସେଠାରୁ ରକ୍ତ ବୋହୁଥିବା ଦେଖି ଜୟନ୍ତୀ ଚିତ୍କାର କରିଥିଲେ। ଚିତ୍କାର ଶୁଣି ପଡ଼ୋଶୀ ସେଠାରେ ପହଞ୍ଚିଥିଲେ। ତେବେ ସେତେବେଳକୁ ବିଜୟଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ବିଶ୍ରା ଥାନା ଅଧିକାରୀ ପ୍ରଦୀପ କୁମାର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସେପଟେ ହତ୍ୟାକାଣ୍ଡ ପରେ ପୁଷା ରକ୍ତଲଗା ଟାଙ୍ଗିଆ ଓ ରକ୍ତଛିଟା ଲାଗିଥିବା ସାର୍ଟକୁ ପଲିଥିନରେ ପୁରାଇ ବିଶ୍ରା ମଙ୍ଗଳବଜାରସ୍ଥିତ ଏକ ବୁଦାରେ ଲୁଚାଇ ଫେରାର ହୋଇଯାଇଥିଲେ। ସୋମବାର ପୁଲିସ ହତ୍ୟାକାରୀ ପୁଷା ବଡ଼ାଇକଙ୍କୁ ଗିରଫ କରିବା ସହ ବୁଦାରୁ ଟାଙ୍ଗିଆ ଓ ସାର୍ଟ ଜବତ କରିଛି।

## ସାମାନ୍ୟ ବର୍ଷାରେ ବେହାଲ ବାଇପାସ୍ ରାସ୍ତା

# ପାଣି କାଦୁଅରେ ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ

**ଶଗଡ଼ା, ୧।୭ (ସମିସ):** ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟଯୋଗୁଁ ରାସ୍ତା ସୁବିଧାରୁ ଲୋକେ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ମନମୁଣ୍ଡା ଥାନା ରକ୍ବା (ଦହ୍ୟା) ପଞ୍ଚାୟତ କାଦୋପଦର ନିକଟରେ ନିର୍ମାଣ ହୋଇଥିବା ରେଲୱେ ବାଇପାସ୍ ରାସ୍ତାରେ ସାମାନ୍ୟ ବର୍ଷା ହେଲେ ପାଣି



ଜମି ରହିବା ସହ କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି ହେଉଛି। ଏପରିକି କାଦୋପଦର ଗ୍ରାମର ଛାତ୍ରଛାତ୍ରୀମାନେ ଉକ୍ତ କାଦୁଅ ରାସ୍ତାରେ ଦେଇ ବିଦ୍ୟାଳୟକୁ ଯାଉଥିବା ସମୟରେ ପଡ଼ିଯିବା ସହ ବ୍ୟାଗ୍, ବହିପତ୍ର ଭିଜିଯିବା ସହିତ ଅନେକ ପିଲା ଆହତ ହେଉଥିବା ନଜିର ରହିଛି। ଉକ୍ତ ରାସ୍ତାକୁ ଉଭୟ ପାର୍ଶ୍ୱରେ ୱାଲ୍‌ଦେଇ ମରାମତି କରିବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଅନେକଥର ଅଭିଯୋଗ କରିଛନ୍ତି। ହେଲେ ପ୍ରଶାସନ ଶୁଣି ନ ଥିଲା। ଯାହାର ପରିଣାମ ଆଜି କାଦୋପଦର୍ ଗ୍ରାମର ଲୋକେ ଭୋଗୁଛନ୍ତି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ୱାଲ୍ ନିର୍ମାଣ ସହ ପାଣି ନିଷ୍କାସନର କରିବାର ବ୍ୟବସ୍ଥା କରିବାକୁ ଜନସାଧାରଣ ଦାବି କରିଛନ୍ତି।

# ବୌଦ୍ଧରେ ସମ୍ବଲପୁରୀ ଦିନ୍ ପାଳନ ପାଇଁ ପ୍ରସ୍ତୁତି ବୈଠକ



**ବୌଦ୍ଧ, ୧।୭ (ସମିସ):** ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ ତାରିଖରେ ହେବାକୁଯାଉଛି। ଏହି ଦିନ ସମ୍ବଲପୁରୀ ଦିବସ ପାଳନ ପାଇଁ ଆଜି ବୌଦ୍ଧ ମହାନଦୀ ଆଳତି ଘାଟ ମଣ୍ଡପରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ୨୦୧୩ଠାରୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପାଳନ ଆରମ୍ଭ ହେଉଛି। ବିଗତ ବର୍ଷମାନଙ୍କରେ ଦେଶ ଏବଂ ଦେଶ ବାହାରେ ମଧ୍ୟ ସମ୍ବଲପରୀ ଦିବସ ବେଶ ଲୋକପ୍ରିୟତା ହୋଇଛି। ବୌଦ୍ଧରେ ୨୦୧୮ ମସିହାଠାରୁ ସମ୍ବଲପୁରୀ ହିବସ ପାଳିତ ହେଇ ଆସୁଛି। ଚଳିତ ବର୍ଷ ଏହାକୁ ଆହୁରି ଭବ୍ୟ ଢ଼ଙ୍ଗରେ ପାଳନ ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ବୌଦ୍ଧ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ସୀତାକାନ୍ତ ସିଂହଙ୍କ ସଂଯୋଜନାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଗତ ବର୍ଷ ସମ୍ବଲପୁରୀ ଦିନର ବିବରଣୀ ଉପସ୍ଥାପନ କରାଯାଇ ଆଲୋଚନା କରାଯାଇଥିଲା। ସମ୍ବଲପୁରୀ ଲୋକ ସଙ୍ଗୀତ ଏବଂ ଲୋକ ନୃତ୍ୟ ଆଦି କ୍ଷେତ୍ରରେ କାର୍ଯ୍ୟରତ ସାଂସ୍କୃତିକ ସଂଗଠନଗୁଡିକୁ ଚଳିତ ବର୍ଷ ଆୟୋଜନରେ ସାମିଲ କରି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବାକୁ ବୈଠକରେ ଯୋଜନା ପ୍ରସ୍ତୁତ କରାଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚର କେନ୍ଦ୍ରୀୟ କମିଟି ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ, ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା, ସହ ସଂଯୋଜକ ରାଜେଶ ସ୍ୱାଇଁ ପ୍ରମୁଖ ବୈଠକରେ ସାମିଲ ହୋଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ବିଗତ ୧୨ ବର୍ଷ ହେବ ପଶ୍ଚିମାଞ୍ଚଳର ୧୧ଟି ଜିଲ୍ଲା ଭିତରେ ସମନ୍ୱୟ ପାଇଁ କରୁଥିବା କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ବୌଦ୍ଧ ଶାଖାର ଜିଲ୍ଲା ସଂଯୋଜକ ଦେବାଶିଷ ପୁରହିତ, ଜିଲ୍ଲା କଳାକାର ସଙ୍ଘ ସଭାପତି ବିଶ୍ୱଜିତ ସାହୁଙ୍କ ସମେତ ସୁମନ ଷଡ଼ଙ୍ଗୀ, ସୁଶାନ୍ତ ବେହେରା, ସର୍ବେଚନ୍ଦ୍ର ନାଏକ, ସନୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସଚେତନତା ସଭା

**ମନମୁଣ୍ଡା/ଶଗଡ଼ା, ୧।୭ (ସମିସ):** ଆଜିଠାରୁ ସାରା ଦେଶରେ ନୂତନ ଅପରାଧିକ ଆଇନ ୨୦୨୩ କାର୍ଯ୍ୟକାରିତା ହୋଇଛି। ନୂତନ ଭାବେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ତିନୋଟି ନୂତନ ଅପରାଧିକ ଆଇନ ୨୨ ଡିସେମ୍ବର ୨୦୨୩ ରେ ଭାରତୀୟ ସଂସଦରେ ପାରିତ ହୋଇଥିଲା। ଏହି ଐତିହାସିକ ନୂତନ ଆଇନ ସମ୍ପର୍କରେ ମନମୁଣ୍ଡା ଥାନା ପରିସରରେ ଆଇଆଇସି ରାମ କୁମାର ମୁର୍ମୁଙ୍କ ସଭାପତିତ୍ୱରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ନୂତନ ଆଇନ ସମ୍ପର୍କରେ ତାଲିମ ପାଇ ଆସିଥିବା କଣ୍ଟାମାଳ ଜେଏମ୍‌ଏସି କ୍ୟାଡ଼ର ଏପିପି ସାଇ ରଞ୍ଜନ ମହାନନ୍ଦିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହା ସହ ନୂତନ ଭାବରେ ଲାଗୁ ହୋଇଥିବା ତିନି ନୂତନ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଥିଲେ, ପ୍ରତ୍ୟେକ ପିଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ମହିଳା ଓ ଶିଶୁ ସୁରକ୍ଷା ପ୍ରଦାନ, ତ୍ୱରିତ ଓ ସଠିକ ସମୟରେ ମାମଲାର ବିଚାର, ଅନଲାଇନ ମାଧ୍ୟମରେ ଅଭିଯୋଗ ଶୁଣାଣି, ଡିଜିଟାଲ ପ୍ରମାଣପତ୍ରର ବ୍ୟବହାର, ସ୍ୱଷ୍ଟ ଓ ସ୍ୱଚ୍ଛତା ପାଇଁ ସାକ୍ଷୀର ବୟନ ସହ ଭିଡ଼ିଓ ରେକର୍ଡ ଆଦି ଅନେକ ଆଇନ ଉପରେ ମହାନନ୍ଦିଆ ବିସ୍ତୃତ ଭାବରେ



ସୂଚନା ଦେଇଥିଲେ ସେହିପରି ଆଇଆଇସି ମୁର୍ମୁ ନୂତନ ଆଇନ ସମ୍ପର୍କରେ ବୁଝାଇବା ସହ ପୁଲିସର କର୍ତ୍ତବ୍ୟ ସମ୍ପର୍କରେ ମଧ୍ୟ କହିଥିଲେ ଏବଂ ଏନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନମୁଣ୍ଡା ସରପଞ୍ଚ ରଞ୍ଜୁ ବେହେରା, କସୁରବନ୍ଧ ସରପଞ୍ଚ ସରୋଜ କର୍ଣ୍ଣ, ଘିକୁଣ୍ଡୀ ସରପଞ୍ଚ ସମରେନ୍ଦ୍ର ପ୍ରଧାନ, ସାମ୍ବାଦିକ ସଂଘ କଣ୍ଟାମାଳର ସଭାପତି ବୈଦ୍ୟନାଥ ହୋତା, ଉପ ସଭାପତି ଭାର୍ଜନ୍ ପ୍ରଧାନ, କୋଷାଧ୍ୟକ୍ଷ ସୀତାକାନ୍ତ ସିଂହଙ୍କ ସମେତ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ, ଓ ସାଧାରଣ ଜନତା ଯୋଗ ଦେଇଥିଲେ। ଏସଆଇ ଉଦୟନାଥ ଆଚାର୍ଯ୍ୟ, ଏସଆଇ ମହେନ୍ଦ୍ର ବେହେରା, ଧନଞ୍ଜୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆହତ ହନୁକୁ ଉଦ୍ଧାର କଲେ ସ୍ଥାନୀୟ ଲୋକେ

**ସୁବଳୟା, ୧।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଭୁଡିଆପାଲି ଛକ ନିକଟସ୍ଥ ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଏକ ହନୁମାଙ୍କଡ଼କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ପ୍ରଥମେ ପ୍ରାଥମିକ ଚିକିତ୍ସା କରି ବନବିଭାଗକୁ ଖବର ଦେଇଥିଲେ। ହାତୀଲିମୁଣ୍ଡା ବନପାଳ ଅଜୟ ବାରା ଘଟଣାସ୍ଥଳରେ ପହଞ୍ଚି ଉକ୍ତ ହନୁର ଅଧିକ ଚିକିତ୍ସା ପାଇଁ ସୁବଳୟା ପଶୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବାପରେ ତାଙ୍କୁ ପୁଣି ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନପାଳ ସୂଚନା ଦେଇଛନ୍ତି।

# ଜାଲରେ ପଡ଼ିଲା ୪୦ କେଜିର ବୁଦ ମାଛ

**ବୌଦ୍ଧ, ୧।୭ (ସମିସ):** ବୌଦ୍ଧ ମହାନଦୀରେ ମାଛ ଧରୁଥିବାବେଳେ ଧିବର ଜାଲରେ ପଡ଼ିଛି ୪୦ କେଜିର ବୁଦ ମାଛ। ବିରଳ ପ୍ରଜାତିର ଏହି ମାଛ ସତକୋଶିଆ ଗଣ୍ଡରୁ ଆସିଥିବା ନେଇ ଅନୁମାନ କରାଯାଉଛି। ପ୍ରତିବର୍ଷ ବର୍ଷା ଋତୁରେ ମହାନଦୀରେ ଏହି ଭଳି ବିରଳ ପ୍ରଜାତିର ମାଛ ଦେଖିବାକୁ ମିଳିଥାଏ। ବର୍ଷଋତୁ ଆରମ୍ଭରେ ଗୋଳିପାଣି ଉପର ମୁଣ୍ଡରୁ ଆସିଲେ ସାତକୋଶିଆ ଗଣ୍ଡରୁ ଉପରକୁ ଏହି ପ୍ରଜାତିର ମାଛ ଉଠି ଆସିଥାନ୍ତି ବୋଲି ସ୍ଥାନୀୟ ମତ୍ସ୍ୟଜୀବୀମାନେ କହିଛନ୍ତି। ମାଛଟିକୁ ବିକ୍ରି ପାଇଁ ସ୍ଥାନୀୟ ବିଜୁ ପଟ୍ଟନାୟକ ଆଦର୍ଶ କୃଷି ବଜାର ପ୍ରାଙ୍ଗଣରେ ଥିବା ମାଛ ମାର୍କେଟକୁ ଅଣାଯାଇଥିବା ବେଳେ ମାଛକୁ ଦେଖିବାକୁ ଲୋକଙ୍କ ଭିଡ଼ ଲାଗିଥିଲା।

# ୪୦ତମ ଜିଲ୍ଲାସ୍ତରୀୟ ସୁଇମିଂ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

**ବୌଦ୍ଧ, ୧।୭ (ସମିସ):** ବୌଦ୍ଧ ଜିଲ୍ଲା ଷ୍ଟାଡିୟମ ପରିସରରେ ଥିବା ସୁଇମିଂ ପୁଲଠାରେ ୪୦ତମ ଜିଲ୍ଲା ସୁଇମିଂ ଚାମ୍ପିୟାନସିପ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଓକିଲ ସଂଘ ସଭାପତି ଧୂରୀଣ କୁମାର ଦେହୁରୀ, ପୂର୍ବତନ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ନିବାସ ଚନ୍ଦ୍ର ଦାନୀ, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, ସମାଜସେବୀ ଜୟ ନାରୟଣ ମହାନ୍ତି ଯୋଗ ଦେଇଥିଲେ। ଜିଲ୍ଲା ଆଥଲେଟିକ ଆସୋସିଏସନ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସୁଇମିଂ ଆସୋସିଏସନ ସମ୍ପାଦକ ରଞ୍ଜିତ କୁମାର ରାଉତ ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ। ଉଭୟ ପୁରୁଷ ଓ ମହିଳା ବିଭାଗରେ ୫ ଟି ଇଭେଣ୍ଟରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।




# ବାର୍ଦ୍ଧକ୍ୟ ଭତ୍ତା ଅପେକ୍ଷାରେ ରାଘବାନନ୍ଦ ଓ ନାରଦ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁ ନାହାନ୍ତି ଅଧିକାରୀ



**ବାଉଁଶୁଣି, ୧।୭ (ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଭତ୍ତା ଟଙ୍କା ଯୋଗାଇ ଦେଉଛନ୍ତି। କିଛି ଅଧିକାରୀମାନଙ୍କ ଅସହଯୋଗ ଯୋଗୁଁ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ନିରୀହ ବୃଦ୍ଧବୃଦ୍ଧା। ଏହିଭଳି ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ତାଳସରଡ଼ା ଗ୍ରାମରେ। ଏହି ଗ୍ରାମରେ ଦୁଇ ଜଣ ବୃଦ୍ଧ ବ୍ୟକ୍ତି ରାଘବାନନ୍ଦ ବସ୍ତିଆ(୬୫) ଓ ନାରଦ ଦାସ(୬୨) ରହୁଛନ୍ତି। ସେମାନଙ୍କୁ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ସେମାନଙ୍କ ବୟସ ୬୦ ବର୍ଷରୁ ଅଧିକ ହୋଇଥିଲେ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଭତ୍ତା ଟଙ୍କା ପଞ୍ଚାୟତରୁ ପାଇବା ପାଇଁ ଅନଲାଇନରେ ଆବେଦନ କରିବା ସହ ପଞ୍ଚାୟତର ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ସରପଞ୍ଚଙ୍କଠୁ ଆରମ୍ଭ କରି ସରକାରୀ କିଛି ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନାହାଁନ୍ତି।



# ଫେରାର ଅଭିଯୁକ୍ତ ଗିରଫ

**ବୀରମହାରାଜପୁର, ୧।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଧୀନ ଲେହେଡି ଗ୍ରାମରେ ବିଭିନ୍ନ ସମୟରେ ଆତଙ୍କ ରାଜ ଚଳାଇଥିବା କୃତ୍ତିବାସ ବେହେରା ଓରଫ୍ ହାଡୁକୁ ଛତିଶଗଡ଼ର ଅମ୍ବିକାପୁରରୁ ଗିରଫ କରିଛି ବୀରମହାରାଜପୁର ପୁଲିସ। ଅଭିଯୁକ୍ତ କୃତ୍ତିବାସ ସେହି ଗ୍ରାମର ମମତା ବେହେରାଙ୍କ ଘର ଆଜବେଷ୍ଟସ୍ ଭାଙ୍ଗି ଭିତରକୁ ପଶିଥିଲା। ସେଠାରେ ନାନା ଧମକ ଚମକ୍ ଦେବା ସହିତ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଏନେଇ ବୀରମହାରାଜପୁର ଥାନାରେ ମମତା ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁକରି ଫାଣ୍ଡି ଅଧିକାରୀ ତଦନ୍ତ କରିଥିଲେ। ପରେ ଅଭିଯୁକ୍ତ କୃତ୍ତିବାସକୁ ଜାମିନରେ ଛାଡ଼ିଥିଲା ପୁଲିସ୍। ଉକ୍ତ ଘଟଣାକୁ ନେଇ ଲେହେଡି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୀରମହାରାଜପୁର ଥାନାରେ ଧାରଣା ଦେବାକୁ ଆସିଥିଲେ।। ଏ ଘଟଣା ଜାଣିବାପରେ ଅଭିଯୁକ୍ତ ଫେରାର



ମାରିଥିଲା। ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ୟସ୍ ପ୍ରତାପ୍ ଶ୍ରୀମଲଙ୍କ ନିର୍ଦ୍ଦେଶ ଓ ଉପଖଣ୍ଡ ପୁଲିସ ଅଧିକାରୀ ବାସୁଦେବ ଛତ୍ରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୀରମହାରାଜପୁର ଥାନା ଅଧିକାରୀ ସୋଭାକର ସେଟ୍ ଓ ହିକୁଡି ଫାଣ୍ଡି ଅଧିକାରୀ ଚକ୍ରଧର ବାରଲବିଡିଆ ଓ ଅନ୍ୟାନ୍ୟ ପୁଲିସ୍ କର୍ମଚାରୀ ଛତିଶଗଡ଼ର ଅମ୍ବିକାପୁରରୁ ସୋମବାର ଭୋର୍ ସକାଳୁ ଧରିବାରେ ସଫଳ ହୋଇଥିଲେ। ଆଜି ଅଭିଯୁକ୍ତକୁ ବୀରମହାରାଜପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଯାଇଛି।

